# ଅନୁଗୋଳ ସରକାରୀ ପଲିଟେକ୍ନିକ୍‌କୁ ଏନ୍‌ବିଏ ସ୍ୱୀକୃତି

**ଅନୁଗୋଳ, ୧୬।୧ (ସମିସ)**

ଅନୁଗୋଳ ଜିଲ୍ଲା ବଣ୍ଟାରପାଳ ବ୍ଲକ ସ୍ଥିତ ସରକାରୀ ପଲିଟେକ୍ନିକ କଲେଜକୁ ଏନବିଏ ସ୍ୱୀକୃତି ମିଳିଛି। ଆସନ୍ତାବର୍ଷ ଠାରୁ କଲେଜର ମେକାନିକାଲ ଡିପ୍ଲୋମା ଛାତ୍ରଛାତ୍ରୀଙ୍କୁ ଏନବିଏ ସ୍ୱୀକୃତିପ୍ରାପ୍ତ ପ୍ରମାଣପତ୍ର ଦିଆଯିବ। ଏହା ସ୍ୱୀକୃତି ମିଳିବା ଏକ ବହୁତ୍ ବଡ଼ ସଫଳତା ବୋଲି କଲେଜ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର୍ ସାହୁ ପ୍ରକାଶ କରିଥିଲେ। ବରିଷ୍ଠ ଅଧ୍ୟାପିକା ମୋନାଲିସା ବେହେରା, ଲୋପାମୁଦ୍ରା ସ୍ୱାଇଁ, ଭାଗ୍ୟଶ୍ରୀ ସାହୁ ଓ ବରିଷ୍ଠ ଅଧ୍ୟାପକ ଲକ୍ଷ୍ମୀକାନ୍ତ ନାୟକ ଏବଂ ଲାବ୍ ସହାୟକ ବିନୋଦ କୁମାର୍ ସାହୁ, ସୁରେନ୍ଦ୍ର ତରାଇ ଓ କଲେଜର ଅନ୍ୟ କର୍ମଚାରୀଙ୍କ କଠିନ ପରିଶ୍ରମ ଫଳରେ ଏହି ସଫଳତା ମିଳିଛି। ଏଆଇସିଟି



ମାର୍ଗଦର୍ଶିକା ଅନୁସାରେ ଏନବିଏ ସ୍ୱୀକୃତି ଜରୁରୀ। ଯାହାଫଳରେ ପଲିଟେକ୍ନିକ କଲେଜରେ ଅନ୍ୟ ବିଭାଗ ସଂପ୍ରସାରଣ କରାଯାଇ ପାରିବ ଓ ଏହାବ୍ୟତୀତ ଆଗାମୀ ଦିନରେ ଏମ୍‌ଏର୍‌ଆରଡି ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ହେବ। ଏହାବ୍ୟତୀତ ଏନବିଏ ସ୍ୱୀକୃତି ରହିଥିବା ପ୍ରମାଣପତ୍ର ବଡ଼ କମ୍ପାନୀରେ ନିଯୁକ୍ତି ପାଇଁ ସହାୟକ ହେବ। ଡିସେମ୍ବର ମାସରେ ଏନବିଏ ଟିମ୍ କଲେଜ ପରିଦର୍ଶନ କରିଥିଲେ। ଭିତ୍ତିଭୂମି ଏବଂ ପାଠପଢ଼ା ଦେଖିବା ପରେ ୩ ବର୍ଷ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି।

ଏହି ସ୍ୱୀକୃତି ମିଳିବାରେ ଡିଟି ରଘୁଜୀ, ରାଜ୍ୟ କାଉନସିଲ କଣ୍ଟ୍ରୋଲର ବି.ବି ମହାନ୍ତି ଓ ଅନୁଗୋଳ ଜିଲ୍ଲାପାଳ ସିଦ୍ଧାର୍ଥ ଶେଖର ସ୍ୱାଇଁ ଛାତ୍ରଛାତ୍ରୀ, ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଛନ୍ତି।

● **ଜାତୀୟ ରାଜପଥ ସମସ୍ୟା**

## ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା

ଅନୁଗୋଳ, ୧୬।୧ (ସମିସ): ଜାତୀୟ ରାଜପଥର ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅନୁଗୋଳ ଜିଲ୍ଲାର ଜଣେ ଦକ୍ଷ ମନ୍ତ୍ରୀ ରହିଥିବା ବେଳେ ଜାତୀୟ ରାଜପଥ ସମସ୍ୟାର ସମାଧାନ ଏ ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଅନୁଗୋଳ ଓଡ଼ିଶାର ମଧ୍ୟଭାଗରେ ରହିଥିବା ବେଳେ ଏହାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ କଟକ, ଢେଙ୍କାନାଳ, କେନ୍ଦୁଝର, ଦେଗଗଡ, ସମ୍ବଲପୁର ଓ ବଉଦ ଜିଲ୍ଲା ଗୁଡ଼ିକର ସୀମାନ୍ତବର୍ତ୍ତୀ ଅଞ୍ଚଳର ଲୋକେ ନିର୍ଭର କରି ଚଳନ୍ତି। ଅନୁଗୋଳର ବହୁ ଲୋକପ୍ରତିନିଧି ରହିଥିବା ବେଳେ ସେମାନେ ଉପରୋକ୍ତ ସମସ୍ୟା ଦ୍ୱୟ ପ୍ରସଙ୍ଗରେ ମୁହଁ ଖୋଲନ୍ତି ନାହିଁ। ଏଣୁ ଜାତୀୟ ରାଜପଥ ସମସ୍ୟାର ସମାଧାନ, ବାଇପାସ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଓ ଅନୁଗୋଳରେ ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା ନହେବା ଯାଏଁ ଜାନୁଆରୀ ୧୭ରୁ କୋର୍ଟ ନିକଟସ୍ଥ କୃଷିଭବନ ସମ୍ମୁଖରେ ସକାଳ ୧୧ ଘଟିକା ସମୟରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣା ଦିଆଯିବ ବୋଲି ସଚେତନ ନାଗରିକ ତରଫରୁ ଆହ୍ୱାନ ଦିଆଯାଇଛି।

## ୨୭ରୁ ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

**ଅନୁଗୋଳ,୧୬।୧(ସମିସ):** ଆସନ୍ତା ଜାନୁୟାରୀ ୨୭ ଓ ୨୮ ଦୁଇଦିନ ଧରି ନାଲକୋ ବିଜୁ ପଟ୍ଟନାୟକ ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ୩୦ ତମ ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୪, ୧୬, ୧୮, ୨୦ ଓ ୨୩ ବର୍ଷରୁ କମ ବାଳକ ଓ ବାଳିକା ବିଭାଗ ଏବଂ ସିନିୟର୍ ପୁରୁଷ ଓ ମହିଳା ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଇଚ୍ଛୁକ ପ୍ରତିଯୋଗୀମାନେ ୨୪ ଜାନୁୟାରୀ ପୂର୍ବରୁ ନିଜ ନାମ ପଞ୍ଜୀକରଣ କରାଇ ନେବା ଆବଶ୍ୟକ। ଅନ୍ୟ ପକ୍ଷରେ ୨୭ ତାରିଖ ସକାଳ ୯ଟା ସୁଦ୍ଧା ନିଜ ମୂଳ ଆଧାର କାର୍ଡ ଓ ଜନ୍ମ ସାର୍ଟିଫିକେଟ ସହ ପଡ଼ିଆରେ ହାଜର ହେବାକୁ ସମ୍ପାଦକ ଗୌରବ ଗୋବିନ୍ଦ ସାମନ୍ତ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ପୁରୀଗଲା ୧୦୮ ଫୁଟ ଲମ୍ବର ଧୂପକାଠି



**କଣିହାଁ, ୧୬।୧(ସମିସ):** ବୁଧବାର ଜଗତର ନାଥ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ। ତେଣୁ ଦେଶ ତଥା ତାଜ୍ୟର କୋଣ ଅନୁକୋଣରୁ ପ୍ରଭୁଙ୍କ ଲାଗି ଅକ୍ଷତ ଗୁଆ, ନଡ଼ିଆ ବିଭିନ୍ନ ପ୍ରକାର ଦ୍ରବ୍ୟ ପଠାଯାଉଥିବା ବେଳେ ଅନଗୁଳ ଜିଲ୍ଲା କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମର ପୂର୍ବତନ ଶିକ୍ଷକ ସ୍ୱର୍ଗତ ଜଗଦାନନ୍ଦ ସାହୁଙ୍କ ସୁପୁତ୍ର ସାମାଜିକ କର୍ମୀ ପ୍ରହ୍ଲାଦ ସାହୁ ନିଆରା ଢଙ୍ଗରେ ପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ୧୦୮ ଫୁଟ ଲମ୍ବର ଏକ ଧୂପକାଠି ପ୍ରସ୍ତୁତ କରି ଗ୍ରାମର ଠାକୁର ଗୋପାଳଜୀଙ୍କ ନିକଟରେ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା ସହ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି।

## ବ୍ୟାସକବି ଫକୀର ମୋହନ ଜୟନ୍ତୀ




ଆଠମଲ୍ଲିକ, ୧୬।୧ (ସମିସ): ଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚଧାର ସାହିତ୍ୟ ସଂସଦର ସଭାପତି ପ୍ରାକ୍ତନ ଅଧ୍ୟାପକ ବିବେକାନନ୍ଦ ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସା ଅଧିକାରୀ ତଥା ବିଶିଷ୍ଟ କବି ଡ଼ା ଅଶୋକ କୁମାର ମଲ୍ଲିକ, ମୁଖ୍ୟ ବକ୍ତା ଭାବରେ ଆଠମଲ୍ଲିକ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ଼ା ରଣଜିତ୍ ସେଠୀ ଓ ସମ୍ମାନିତ ଅତିଥି ଭାବରେ ନାଟ୍ୟକାର ଚିତ୍ତରଞ୍ଜନ ତ୍ରିପାଠୀ ଯୋଗଦେଇ ବ୍ୟାସକବିଙ୍କ ଜୀବନୀ ଓ ସାହିତ୍ୟ ସାଧନା ଉପରେ ଆଲୋକପାତ କରିଥିଲେ। ପଞ୍ଚଧାର ସାହିତ୍ୟ ସଂସଦର ସମ୍ପାଦକ ଇଂ. ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପିକା କଳ୍ପନା ମହାନ୍ତି ଓ କବି ଡ଼ା ଅଶୋକ କୁମାର ମଲ୍ଲିକ ସ୍ୱରଚିତ କବିତା ପାଠ କରିଥିବା ବେଳେ କଣ୍ଠଶିଳ୍ପୀ ବିଭୂତି ଭୂଷଣ ରଥ, ଭୁବନ ମୋହନ ତ୍ରିପାଠୀ, ଅଚ୍ୟୁତାନନ୍ଦ ପ୍ରଧାନ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଯୁବ ତବଲା ବାଦକ ମାନସ କର୍ଣ୍ଣ ଓ ଶିଳ୍ପୀ ଟୁକୁନୁ ବେହେରା ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଶିଳ୍ପୀ ରଣଜିତ୍ ରଣା, ଯୁବ ଚିତ୍ରକର ଅଭିଳାଷ ସ୍ୱାଇଁ, କଳା ଶିକ୍ଷକ ମାନସ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିବା ବେଳେ ପଞ୍ଚଧାର ସାହିତ୍ୟ ସଂସଦର ଉପସଭାପତି କଳ୍ପନା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି

**କିଶୋରନଗର, ୧୬।୧(ସମିସ):** କିଶୋରନଗର ବରପଡ଼ିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବ୍ଲକ ସଭାଘର ଠାରେ ଆଜି ବିଡିଓ ବିନୋଦ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ଶାନ୍ତିଶୃଙ୍ଖଳା ସହ ପାଳନ ନେଇ ବିଡିଓ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଦିବସ ପାଳନ ଅବସରରେ ଆସନ୍ତା ୨୨ ତାରିଖରେ କିଶୋରନଗର ଡିଗ୍ରୀ କଲେଜରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଏହି ବୈଠକରେ ଏ ବିଡିଓ ଦିଲୀପ କୁମାର ପ୍ରଧାନ,



ସିଡିପିଓ ଓ୍ୱାହିଦା ବେଗମ, ଜିପିଓ ସତ୍ୟପ୍ରିୟ ସାହୁ, ସାମାଜିକ ସୁରକ୍ଷା ଅଧିକାରିଣୀ ସୋନାଲୀ ପ୍ରିୟରଞ୍ଜନ ସାହୁଙ୍କ ସମେତ ଡିଗ୍ରୀ କଲେଜର ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ସରପଞ୍ଚ ସଂଜୀତ ସାହୁ, ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ସମେତ ଶିକ୍ଷକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଜମୁଛି ଶାବଳଭଙ୍ଗା ମକର ମେଳା

**ଅନୁଗୋଳ, ୧୬।୧ (ସମିସ):** ଅନୁଗୋଳ ବ୍ଲକ ବାଲୁଅକଟା ଗ୍ରାମପଞ୍ଚାୟତ ଶାବଳ ଭଙ୍ଗା ନୀଳକଣ୍ଠେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ମକରମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ବିଜେଡି ବ୍ଲକ ସଭାପତି ସରୋଜ ନାରାୟଣ ସାହୁ, ବିପ୍ଳବ ଜେନା ପ୍ରମୁଖ ଯୋଗଦେଇଥିଲେ। ସଂକ୍ରାନ୍ତିର ପୂର୍ବଦିନ ଠାରୁ ଠାକୁରଙ୍କ ବିଧି ମୁତାବକ ବ୍ରାହ୍ମଣଙ୍କ ମନ୍ତ୍ରପାଠରେ ଠାକୁରଙ୍କୁ ସଂକୀର୍ତ୍ତନ ପୀଠରେ ସ୍ଥାପନ କରାଯାଇଥାଏ। ସକାଳୁ ଶ୍ରଦ୍ଧାଳୁମାନେ ଆସି ବାବା ନୀଳକଣ୍ଠେଶ୍ୱରଙ୍କୁ ଦର୍ଶନ କରିବା ସହ ହରିନାମ ଭଜନକୀର୍ତ୍ତନ ଶ୍ରବଣ କରି ପ୍ରସାଦ ସେବନ କରିଥାନ୍ତି। ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ମେଳାରେ ପଡ଼ିଥିବା ମନୋହରୀ ଜିନିଷ, ସୁସ୍ୱାଦୁ ଖାଦ୍ୟ ଷ୍ଟଲ, ଗୁପ୍ ଚୁପ୍, ଚାଟ୍, ଦୋଳି ଇତ୍ୟାଦି ଦୋକାନରେ ମଧ୍ୟ ଲୋକଙ୍କ



ଢେର୍ ଭିଡ ମାନ ଦେଖିବାକୁ ମିଳିଥିଲା। ଏହି ମେଳା ଜିଲ୍ଲାର ପ୍ରଥମ ମକର ମେଳା ଭାବେ ଶାବଳ ଭଙ୍ଗା ଗ୍ରାମରେ ପରିଚିତ। ତେଣୁ ଗ୍ରାମର ଆଖପାଖ ତଥା ଦୂରଦୂରାନ୍ତର ଲୋକେ ଏଠାକୁ ମେଳା ଦେଖିବାକୁ ଧାଇଁ ଆସିଥାନ୍ତି। ପୂର୍ବରୁ ଗାଁ ଲୋକେ ଜାମୁଡାଳରେ ଭାଡ଼ାବାନ୍ଧି ମେଳାର ଆୟୋଜନ କରୁଥିଲେ। କିନ୍ତୁ ଏବେ କିଛି ବର୍ଷ ହେଲା ତାକୁ ବନ୍ଦ୍ କରି କପଡ଼ାର ତୋରଣ ଏବଂ ଲାଇଟ୍ ଗେଟରେ ସୁସଜ୍ଜିତ କରୁଛନ୍ତି, ଯାହା ଫଳରେ ମେଳା ପରିସର ଆହୁରି ସୁନ୍ଦର ଲାଗୁଛି। ଏବେ ଅନ୍ୟାନ୍ୟ ଗ୍ରାମରେ ମଧ୍ୟ ଏହି ମେଳା ଅନୁଷ୍ଠିତ ହେଉଛି। ପୂର୍ବ ପୁରାତନ ଶାବଳଭଙ୍ଗା ମକର ମେଳା ଏବେ ବି ସେଇ ହରିନାମ ଭଜନ କୀର୍ତ୍ତନରେ ରାତି ସାରା ଲୋକଙ୍କୁ ବାନ୍ଧି ରଖୁଛି। ମକର ମେଳା ତଥା ଗ୍ରାମ୍ୟ କମିଟିର ସହଯୋଗରେ ଏହି ମେଳା ଅନୁଷ୍ଠିତ ହୋଇଆସୁଛି। ମେଳାର ସଭାପତି ଗୋବିନ୍ଦ ପ୍ରଧାନ, ସମ୍ପାଦକ ବାବୁଲି ପ୍ରଧାନ, ଗ୍ରାମ ସଭାପତି ଭାଗିରଥି ସାହୁ, ମାର୍କଣ୍ଡ ସାହୁ, ଦୁଷ୍ମନ୍ତ ପ୍ରଧାନ ଗୋକୁଳ ପ୍ରଧାନ, ରମେଶ ବେହେରା, ସୁଦର୍ଶନ ସାହୁ, ବାବୁଲାଲ୍ ଜେନା ଏବଂ ଗ୍ରାମର ସମସ୍ତ ବ୍ୟକ୍ତି ବିଶେଷ ମେଳାରେ ସହଯୋଗ କରିଥିଲେ।

## ବାଇକ୍ ଚୋରି ମାମଲାରେ ଅଭିଯୁକ୍ତ ଗିରଫ, ଗାଡ଼ି ଜବତ

**କଣିହାଁ, ୧୬।୧ (ସମିସ):** ଅନୁଗୋଳ ଜିଲ୍ଲା କଣିହା ବ୍ଲକ ରେଲୱେ ସାଇଡିଂ ନିକଟସ୍ଥ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ପରିସରରୁ ଗତ ମାସ ୧୮ ତାରିଖ ଦିନ ଏକ ମୋଟର ସାଇକଲ (ଓଡି ୩୩ ଜି ୭୦୭୩) କୁ କେହି ଦୁର୍ବୃତ୍ତ ଚୋରିକରି ନେଇଛନ୍ତି। ସ୍ୱପ୍ନେଶ୍ୱର ପ୍ରଧାନ (୩୫)ଙ୍କ ଘର ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ଅଞ୍ଚଳରେ ହୋଇଥିବା ବେଳେ ସେ କଣିହା ଥାନାରେ ଏନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ପକ୍ଷରୁ କେସ ନଂ.୧୪/୨୩ ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲେ। ଗତକାଲି ସୂଚନା ପାଇ କଣିହା ଥାନା ପକ୍ଷରୁ କୋଶଳ ବଜାର ନିକଟରେ ଚଢ଼ଉ କରି ଗାଡ଼ି ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା କଣିହା ସହକାରୀ ଅଧିକାରୀ ଅରୁଣ କୁମାର ପଣ୍ଡାଙ୍କ ସୂତ୍ରରୁ ଜଣାପଡିଛି। ଅଭିଯୁକ୍ତ ଜଣକ ବଡ଼ତ୍ରିବିଡ଼ା ପଞ୍ଚାୟତ ହରିଚନ୍ଦନପୁର ଗ୍ରାମର ବଗ ଓରଫ ସୁଶାନ୍ତ ପ୍ରଧାନ (୨୫) ବୋଲି ଥାନା ସୂତ୍ରରୁ ପ୍ରକାଶ।

## ଓଡ଼ିଆ ଭାଷା ସମ୍ମିଳନୀ

**ଆଠମଲ୍ଲିକ, ୧୬।୧ (ସମିସ):** ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଠମଲ୍ଲିକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ବିଶ୍ୱ ଓଡିଶା ଭାଷା ସମ୍ମିଳନୀ ଓ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ଆଧାର ବିଭିନ୍ନ ସାରସ୍ୱତ ପ୍ରତିଯୋଗିତା ପାଇଁ ଏକ ଉଦଘାଟନୀ ସଭା ଓଡ଼ିଆ ବିଭାଗର ମୁଖ୍ୟ ଡ଼ଃ ରଞ୍ଜିତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର ଯୋଗଦେଇ ଜଗନ୍ନାଥଙ୍କ କର କମଳରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଉଦଘାଟନ କରିଥିଲେ। ଓଡ଼ିଆ ବିଭାଗର ଅନ୍ୟତମ ଅଧ୍ୟାପକ ହୃଷୀକେଶ ମହାକୁଡ଼ ନିଜର ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ର ଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ/୧୮ରୁ ନାଟ୍ୟମ୍ ନାଟ୍ୟ ମେଳା

**ଅନୁଗୋଳ, ୧୬।୧ (ସମିସ) :** ଆସନ୍ତା ୧୮ ତାରିଖରୁ ୨୧ ତାରିଖ ଯାଏ ସ୍ଥାନୀୟ ସଭାଘର ଠାରେ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ନାଟ୍ୟମ ନାଟ୍ୟ ମେଳା ଅନୁଷ୍ଠିତ ହେବ। ଏ ପ୍ରସଙ୍ଗରେ ନାଟ୍ୟମ୍ ଅନୁଷ୍ଠାନ ପକ୍ଷରୁ ଜିଲ୍ଲା ସଂସ୍କୃତି ପାଠାଗାର ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ନାଟ୍ୟମର ସଭାପତି ସୁଧାଂଶୁ ମୋହନ ଦ୍ୱିବେଦୀ, ସମ୍ପାଦକ ସମୀର ପଟ୍ଟନାୟକ, କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ସାହୁ ଏବଂ ସଦସ୍ୟ ତପନ କୁମାର ଦାସ ଉପସ୍ଥିତ ରହିଥିଲେ। ସଭାପତି ଶ୍ରୀ ଦ୍ୱିବେଦୀ ଆସନ୍ତା ୧୭ ତାରିଖରେ ରାଜ୍ୟ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଉଦଘାଟନ ଅବସରରେ ନାଟକ ବ୍ରହ୍ମ ବିଷାଦ, ବିସମ୍ବାଦ ମଞ୍ଚସ୍ଥ ହେବ। ସନ୍ଧ୍ୟାରେ ନାଟ୍ୟମ୍ ଅନୁଷ୍ଠାନର କଳାକାରମାନେ ଏହି ନାଟକ ମଞ୍ଚସ୍ଥ କରିବେ। ଏହି ନାଟକକୁ ରଚନା କରିଛନ୍ତି ନବୀନ କୁମାର ପରିଡ଼ା ଓ ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ମୋହନ ଦ୍ୱିବେଦୀ। ୧୮ ଜାନୁଆରୀରୁ ୨୧ ଯାଏ ନାଟ୍ୟମ ନାଟ୍ୟମେଳା ଅନୁଷ୍ଠିତ ହେବ। ୧୮ ତାରିଖ ଦିନ ଭୁବନେଶ୍ୱର ବିଦ୍ୟା କନକ ସୃଜାନୁଷ୍ଠାନ ପକ୍ଷରୁ ନାଟକ ଏଇ ବୋଧେ ପ୍ରେମ, ୧୯ ତାରିଖ ଦିନ ଦେବଗଡ଼ ଜାଗରଣ ଆର୍ଟ ଇଣ୍ଟରନେସନାଲ ପକ୍ଷରୁ ଲୁହର ରଙ୍ଗ, ୨୦ତାରିଖରେ ପାରାଦୀପ ରକାନଭାସ ପକ୍ଷରୁ ଘିନୁଆ ଏବଂ ୨୧ ତାରିଖ ଦିନ ଭୁବନେଶ୍ୱର ରଙ୍ଗମ ଅନୁଷ୍ଠାନପକ୍ଷରୁ ନାଟକ ସମ୍ପର୍କ ମଞ୍ଚସ୍ଥ କରାଯିବ। ଦର୍ଶକମାନେ ବହୁ ସଂଖ୍ୟାରେ ଆସି ନାଟକ ଦେଖିବା ସହ ରଙ୍ଗ ମଞ୍ଚକୁ ବଞ୍ଚାଇବା ପାଇଁ ଉଦ୍ୟୋକ୍ତାମାନେ ଅନୁରୋଧ କରିଛନ୍ତି।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର



**ଅନୁଗୋଳ, ୧୬।୧ (ସମିସ) :** ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲ୍ଲାପାଳ ଶ୍ରୀସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି ଶିବିରରେ ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୪୨ଟି ଅଭିଯୋଗରୁ ୩୪ଟି ବ୍ୟକ୍ତିଗତ ଓ ୮ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାଛଡା ଦାଖଲ ହୋଇଥିବା ୪୨ ଅଭିଯୋଗ ମଧ୍ୟରୁ ୧୨ଟି ଅଭିଯୋଗର ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମି ଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ଉପ-ଜିଲ୍ଲାପାଳ ବରଣ୍ୟନ୍ଦୁ ମହାନ୍ତି ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ବିଭିନ୍ନ ସ୍ଥାନରେ ମକର ଯାତ୍ରା



**ଆଠମଲ୍ଲିକ, ୧୬।୧ (ସମିସ):** ଆଠମଲ୍ଲିକ ବ୍ଲକର ବିଭିନ୍ନ ସ୍ଥାନରେ ମକର ଯାତ୍ରା ଉପଲକ୍ଷେ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ପୂର୍ତ୍ତ ବିଭାଗ ସଚିବ ତଥା ଆଠମଲ୍ଲିକର ବରିଷ୍ଠ ବିଜେଡି ନେତା ନଳିନୀ କାନ୍ତ ପ୍ରଧାନ ବିଭିନ୍ନ ମକର ଯାତ୍ରା ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରଥମେ ଉରଡ଼ା ଗ୍ରାମ, ଦେଉଳି, ଆଦି ଅନେକ ସ୍ଥାନର ଯାତ୍ରାରେ ଯୋଗ ଦେଇଥିଲେ। ପରେ ଆଠମଲ୍ଲିକ ବ୍ଲକର ଅଏଡ଼ା ଗ୍ରାମ ପଂଚାୟତ ବଘୁଆ କଟା ମନ୍ଦିର ପ୍ରାଙ୍ଗଣରେ ମକର ଯାତ୍ରା ଉପଲକ୍ଷେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପୂର୍ତ୍ତ ବିଭାଗ ସଚିବ ତଥା ଆଠମଲ୍ଲିକର ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗ ଦେଇ ଜଗନ୍ନାଥଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଫିତା କାଟି ଯାତ୍ରାକୁ ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସନ୍ତୋଷ ପ୍ରଧାନ, ବିଜେଡି ନେତା ଚିତ୍ତରଞ୍ଜନ କର୍ଣ୍ଣ, ଆଠମଲ୍ଲିକ ଓକିଲ ସଙ୍ଘ ସଭାପତି ସୁଶାନ୍ତ ମହାପାତ୍ର, ଯୁବ ନେତା ମହେନ୍ଦ୍ର କୁମାର ସାହୁ, ପୂର୍ବତନ ସରପଞ୍ଚ ବିଶ୍ୱମ୍ବର ବେହେରା ମଞ୍ଚାସୀନ ଥିଲେ। ଯାତ୍ରାଟି ବହୁ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଥିଲା। ବଘୁଆ କଟା ମନ୍ଦିରର ବାବା ଭୁବନେଶ୍ୱର ମନ୍ଦିର ଟ୍ରଷ୍ଟ ସଭାପତି ପ୍ରଦୀପ କୁମାର ବେହେରା, ମୋହନ ବଘାର, ବିଶ୍ୱରଞ୍ଜନ ଦେହୁରୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ନଳିନୀକାନ୍ତ ପ୍ରଧାନଙ୍କ ଦର୍ଶନ ସମୟରେ ବହୁସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ।

**ଷଷ୍ଠ ସର୍ବଭାରତୀୟ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ସେମିରେ କଟକର ଜୁଭେନାଇଲ କ୍ଲବ୍

**ପାଲଲହଡ଼ା,୧୬।୧(ସମିସ)**

ପାଲଲହଡ଼ା ଷ୍ଟାଡିୟମ ଠାରେ ଜୟ ଶ୍ରୀରାମ କ୍ରିକେଟ କ୍ଲବ ଶାସନ ସାହି ଆନୁକୂଲ୍ୟରେ ଚାଲିଥିବା ଷଷ୍ଠ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପୁଲ- ବି'ର ଦ୍ୱିତୀୟ ମ୍ୟାଚ ନିମପୁର କ୍ରିକେଟ କ୍ଲବ, କଟକ ଓ ଜୁଭେନାଇଲ କ୍ରିକେଟ କ୍ଲବ, କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଜୁଭେନାଇଲ କ୍ରିକେଟ କ୍ଲବ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ଜୁଭେନାଇଲ ଦଳ ୬ ୱିକେଟ ହରାଇ ୨୧୦ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଏହାର ଜବାବରେ ନିମପୁର କ୍ରିକେଟ କ୍ଲବ, କଟକ ୨୫




ଓଭରରେ ୭ ଉଇକେଟ ହରାଇ ୧୯୭ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଜୁଭେନାଇଲ ଦଳ ୧୩ ରନରେ ବିଜୟୀ ହୋଇ ପୁଲ ବି'ର ଦ୍ୱିତୀୟ ଦଳ ଭାବରେ ସେମିଫାଇନାଲକୁ ଉନ୍ନିତ ହୋଇଛି। ଜୁଭେନାଇଲ ଦଳର ସ୍ୱୟଂଶୁ ପଟ୍ଟନାୟକ ୩୭ ବଲରେ ୫୯ ରନ୍ କରି ମ୍ୟାନ ଅଫ ଦ ମ୍ୟାଚ ଭାବରେ ପୁରସ୍କୃତ ହୋଇଥିଲେ। ରଞ୍ଜିତ ସାମଲ ଓ ଅଭିଷେକ ସାହୁ ଖେଳ ପରିଚାଳନା କରିଥିଲେ। ଜୟ ଶ୍ରୀରାମ କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ପୂର୍ବରୁ ପ୍ରଥମ ଦଳ ଭାବରେ ରାଉରକେଲା ଦଳ ଫାଇନାଲକୁ ଉନ୍ନିତ ହୋଇଥିବା ବେଳେ ଆସନ୍ତା କାଲି ପୁଲ ବି'ର ସେମିଫାଇନାଲ ମ୍ୟାଚ ଜୁଭେଲାଇନ କ୍ଲବ, କଟକ ବନାମ ଟାଟା ଜାମସେଦପୁର ମଧ୍ୟରେ ଅନୁଷ୍ଠିତ ହେବ।





# ଜୟ ଜଗନ୍ନାଥ

'ଭକ୍ତାଧୀନ ଅଟନ୍ତି ସେ ପ୍ରଭୁ ଦେବ ଦେବ, ସ୍ୱଚକ୍ଷୁରେ ତୁମ୍ଭେ ତାଙ୍କୁ ଦର୍ଶନ କରିବ।
ତୁମ୍ଭପ୍ରତି ଜଗନ୍ନାଥ ଅନୁଗ୍ରହ କରି, ଆବିର୍ଭୂତ ହେବେ ଚାରିଗୋଟି ରୂପ ଧରି।'
(ସ୍କନ୍ଦ ପୁରାଣ ବିଷ୍ଣୁଖଣ୍ଡ ପ୍ରଥମାର୍ଦ୍ଧ)





# ସାକାର ହେଲା 'ପରିକ୍ରମା' ସ୍ୱପ୍ନ

## ନିର୍ବିଘ୍ନ ପରିକ୍ରମା

ସେହିପରି କାର୍ତ୍ତିକ ପୂର୍ଣ୍ଣିମାରେ ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିବାର ବିଧି ରହିଛି। ବିଶ୍ୱାସ ଅଛି, ନାମ ସଂକୀର୍ତ୍ତନ କରି ବଡ଼ଦେଉଳ ଚତୁଃପାର୍ଶ୍ୱ ପରିକ୍ରମା କଲେ ସକଳ ପାପତାପରୁ ମୁକ୍ତି ମିଳିଥାଏ। ହେଲେ ସାଧୁସନ୍ଥ, ଭକ୍ତ, ଶ୍ରଦ୍ଧାଳୁଙ୍କୁ ଏହି ସୁଯୋଗ ମିଳୁ ନ ଥିଲା। ଯେଉଁଠି ଜଣେ ଚାଲି ଚାଲି ଯିବା କଷ୍ଟକର ହୋଇପଡୁଥିଲା ସେଠି ନାମ, ସଂକୀର୍ତ୍ତନ ଶୋଭାଯାତ୍ରାର କଥା ବା ଚିନ୍ତା କରିବ କିଏ? ହେଲେ ଏହି ସୁଯୋଗ ଏବେ ହାତପାହାନ୍ତାରେ। ପରିକ୍ରମାର ପଥ ଫିଟାଇ ଦେଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ବିସ୍ତୃତ ଏବଂ ସୁଦୀର୍ଘ ପରିକ୍ରମା ମାର୍ଗ ଖୋଲାପଡ଼ିଛି ଭକ୍ତ ଏବଂ ସାଧୁସନ୍ଥଙ୍କ ପାଇଁ। ଏକାଥରକେ ଶହ ଶହ ସଂଖ୍ୟାରେ ସଂକୀର୍ତ୍ତନକାରୀ ନିଜ ଇଚ୍ଛା ଅନୁଯାୟୀ ପ୍ରଭୁଙ୍କୁ ପ୍ରେମରେ ନାଚିକୁଦି ଡାକିପାରିବେ। ଭାବ ଭକ୍ତିରେ ବି ଭିଜିପାରିବେ। ରହିବନି କୌଣସି ବାଧା କି ପ୍ରତିବନ୍ଧକ। ପରିକ୍ରମା ପାଇଁ ସବୁ ଏବେ ଖୋଲା ଆଉ ଫାଙ୍କା।

## ସବୁଠୁ ପବିତ୍ର ଇନ୍ଦ୍ରଦ୍ୟୁମ୍ନ

ସ୍କନ୍ଦ ପୁରାଣ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ପଞ୍ଚ ତୀର୍ଥ ମଧ୍ୟରେ ସର୍ବାଗ୍ରେ ରହିଛି। ଗୁଣ୍ଡିଚା ମନ୍ଦିରଠୁ ମାତ୍ର ଅଧ କିଲୋମିଟର ଦୂରରେ ଏହା ଅବସ୍ଥିତ। ଏହା ପାଖରେ ରହିଛି ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ମନ୍ଦିର, ସାକ୍ଷୀଗୋପାଳ ମନ୍ଦିର ଓ ନୀଳକଣ୍ଠେଶ୍ୱର ମନ୍ଦିର। କିମ୍ବଦନ୍ତୀ ଅନୁସାରେ ରାଜା ଇନ୍ଦ୍ରଦ୍ୟୁମ୍ନ ଅଶ୍ୱମେଧ ଯଜ୍ଞରେ ଯେଉଁ ଏକ ହଜାର ଗାଈ ଦାନ କରିଥିଲେ ସେମାନଙ୍କୁ ଏ ଜାଗାରେ ସମାଧିସ୍ଥ କରାଯାଇଥିଲା। ଚନ୍ଦନ ଯାତ୍ରା ଓ ଶୀତଳ ଷଷ୍ଠୀ ନାମକ ଦୁଇ ପର୍ବ ଏଠାରେ ମହାଆଡ଼ମ୍ବରେ ପାଳନ କରାଯାଏ। ରଥଯାତ୍ରା ସମୟରେ ପ୍ରତିବର୍ଷ ବ୍ରତଧାରୀମାନେ ଏହି ପୁଷ୍କରିଣୀରେ ସ୍ନାନ କରି ପୁଣ୍ୟ ଅର୍ଜନ କରନ୍ତି।



## ସୁଦୃଢ଼ ହୋଇଛି ଶ୍ରୀମନ୍ଦିର ସୁରକ୍ଷା

ପରିକ୍ରମା ପ୍ରକଳ୍ପ ପରିକଳ୍ପନାର ସବୁଠୁ ବଡ଼ ଦିଗ ହେଉଛି ଶ୍ରୀମନ୍ଦିର ସୁରକ୍ଷା, ଯାହାକୁ କେହି ବି ଅଣଦେଖା କରିପାରିବେ ନାହିଁ। ଏହା ପଛର ଯୁକ୍ତି ବି ବେଶ୍ ପ୍ରାସଙ୍ଗିକ, ଯେଉଁଥିପାଇଁ ଆଜି ବାସ୍ତବତାର ରୂପ ନେଇ ଛିଡା ହୋଇଛି ପରିକ୍ରମା ପ୍ରକଳ୍ପ। ଇତିହାସ କୁହେ, ଶ୍ରୀମନ୍ଦିର ଉପରେ ଅଠରଥର ଆକ୍ରମଣ ହୋଇଛି। ତକୀ ଖାଁ, ରକ୍ତବାହୁ, ଏକରାମ୍ ଖାଁ, ଅହମ୍ମଦ ବେଗ୍ ଖାଁ, ମିର୍ଜା ଖୁରୁମ୍, କଳାପାହାଡ଼, କଲ୍ୟାଣ ମଲ୍ଲ, ମକରମ୍ ଖାଁ, ମସ୍ତରାମ ଖାଁ ଏମିତି ଅନେକ ବଡ଼ଦେଉଳ ଉପରେ ବାରମ୍ବାର ଆକ୍ରମଣ କରିଛନ୍ତି। ଏହି ସମୟରେ ମହାପ୍ରଭୁଙ୍କୁ ସୁରକ୍ଷା ଦେଇଛନ୍ତି ସେବାୟତ, ମଠାଧୀଶ ଓ ରାଜ କର୍ମଚାରୀ। ଏଥିପାଇଁ ଅନେକଙ୍କୁ ଜୀବନ ଉତ୍ସର୍ଗ କରିବାକୁ ପଡ଼ିଛି। ଯବନଙ୍କ ଆକ୍ରମଣ ସମୟରେ ମହାପ୍ରଭୁଙ୍କୁ ପୁରୀ, ଗଞ୍ଜାମ, ସୋନପୁର ଆଦି ଜିଲ୍ଲାକୁ ନିଆଯାଇ ଲୁଚାଇ ରଖାଯାଇଛି। ଚିଲିକା, ବିଭିନ୍ନ ନଦୀପଥରେ ଠାକୁରଙ୍କୁ ନେଇ ସୁରକ୍ଷିତ ରଖିଛନ୍ତି। ତେଣୁ ଶ୍ରୀମନ୍ଦିର ଉପରେ ସର୍ବଦା ଆକ୍ରମଣର ଭୟ ରହିଆସିଛି। ଏହି ବିପଦ ଏବେ ସୁଦ୍ଧା ଟଳି ନାହିଁ। ଯେଉଁଥିପାଇଁ ଗୋଇନ୍ଦା ବିଭାଗ ରାଜ୍ୟ ସରକାରଙ୍କୁ କିଛିବର୍ଷ ହେବ ରିପୋର୍ଟ ଦେଉଛି। ଆତଙ୍କବାଦୀଙ୍କ ଟାର୍ଗେଟରେ ଶ୍ରୀମନ୍ଦିର ଥିବାରୁ ବିଭିନ୍ନ ସମୟରେ ଏହାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି)। ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇବା ପାଇଁ ଏନ୍‌ଏସ୍‌ଜି ମଧ୍ୟ ପରାମର୍ଶ ଦେଉଛି।



## ଦୂର ହେଲା ପ୍ରତିବନ୍ଧକ

ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥାନ୍ତି। ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ନିଜ ଦୁଃଖକଷ୍ଟ ଜଣାଇବା ସହ ଶାନ୍ତିରେ କିଛି ସମୟ ବସି ଠାକୁରଙ୍କୁ ସ୍ମରଣ କରିବାକୁ ଚାହାଁନ୍ତି। ହେଲେ ମନ୍ଦିର ଭିତରେ ସର୍ବଦା ଗହଳି ରହୁଥିବାରୁ ଅନେକ ଭକ୍ତଙ୍କ ଏହି ଇଚ୍ଛା ପୂରଣ ହୋଇପାରେ ନାହିଁ। ସେହିପରି ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକ ଶ୍ରଦ୍ଧାଳୁ ମନ୍ଦିର ଚତୁଃପାର୍ଶ୍ୱ ବୁଲିବାକୁ ଚାହିଁ। ମେଘନାଦ କଡ଼ରୁ ବଡ଼ଦେଉଳର ଅପରୂପ ସୌନ୍ଦର୍ଯ୍ୟର ସାକ୍ଷୀ ହେବାକୁ ମନ ବଳାଉଥିଲେ ବି ଏହି ଇଚ୍ଛା ପୂରଣ ହୋଇ ନ ଥାଏ। ଭକ୍ତର ଏହି ଆକାଂକ୍ଷାରେ ପ୍ରତିବନ୍ଧକ ସାଜୁଥିଲା ସଂକୀର୍ଣ୍ଣ ରାସ୍ତା ଏବଂ ଗହଳି।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିକଳ୍ପନା ପରଠାରୁ ଅନେକ ବାଧାବିଘ୍ନ ଆସିଛି। ହେଲେ ସବୁ ଘାତ, ପ୍ରତିଘାତ, ବାଧାବିଘ୍ନକୁ ଏଡାଇ ଦେଇ ଆଜି ବାସ୍ତବ ରୂପ ନେଇଛି ପରିକ୍ରମା ପ୍ରକଳ୍ପ। ଏହା ଆସନ୍ତାକାଲି ଲୋକାର୍ପଣ ହେବାକୁ ଯାଉଛି। ତେବେ କାହିଁକି ଏହି ପ୍ରକଳ୍ପର ପରିକଳ୍ପନା, ଏହାଦ୍ୱାରା କ'ଣ ସୁବିଧା ମିଳିବ ଏମିତି ଅନେକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କିମାରୁଛି। ହେଲେ ଏ ସବୁର ଉତ୍ତର ଖୁବ୍ ସହଜ ଆଉ ସରଳ ମଧ୍ୟ। ଏଥିରେ ଭକ୍ତଙ୍କ ପାଇଁ ଅନେକ ସୁବିଧା ଉପଲବ୍ଧ ହେଉଥିବା ବେଳେ କିଛି ବିଧି, ପରମ୍ପରାକୁ ବି ପୁଣି ଉଜ୍ଜୀବିତ କରିପାରିଛି ଏହି ପ୍ରକଳ୍ପ।

## ଭକ୍ତମନ ଆନନ୍ଦିତ

ଅତିବେଶୀ ନୁହେଁ, ୭-୮ ବର୍ଷ ପୂର୍ବରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସ୍ଥିତି ଏମିତି ଥିଲା ଯେ, ଜଣେ ମୁକ୍ତ ଭାବେ ଚାଲି ଚାଲି ବୁଲିବା ସମ୍ଭବ ହେଉ ନ ଥିଲା। ମେଘନାଦ ପାଚେରୀକୁ ଚାରିଦିଗରୁ ଘେରି ରହିଥିଲା ଶହ ଶହ ବ୍ୟବସାୟିକ ପ୍ରତିଷ୍ଠାନ। ବିଭିନ୍ନ ସାହି ଗଳିର ପ୍ରବେଶ ପଥ ମଧ୍ୟ ମେଘନାଦ ପାଚେରୀକୁ ଛୁଇଁଥିଲା। ସ୍ଥିତି ଏମିତି ଥିଲା ଯେ, ସ୍ୱଚ୍ଛ ଖରା ତଳେ ପଡୁଥିଲା ନା ବର୍ଷାଛିଟା। ସବୁ ଦୋକାନୀଙ୍କ ଛାତ, ଆଜବେଷ୍ଟସ ଏବଂ ପଲିଥିନ ଉପରେ ପଡୁଥିଲା। ଦେହକୁ ଦେହ ବାଜୁଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ତା'ରି ଭିତରେ ଧୂଳିଆ, ଯାତ୍ରୀ ସହାୟକ ଏବଂ ପଣ୍ଡା ପଡ଼ିଆରୀଙ୍କ ଦର୍ଶନ କରାଇବାକୁ କହି ଟଣାଓଟରା। ଏମିତି କେତେ କ'ଣ ଭକ୍ତଙ୍କ ମନକୁ ଅତିଷ୍ଠ କରି ପକାଉଥିଲା। ଭକ୍ତି ଭାବ ମନସ୍କ ଶ୍ରଦ୍ଧାଳୁ ମନ ମରିଯାଉଥିଲା।







## ଶ୍ରୀଜଗନ୍ନାଥ ଲୀଳାରେ ପାବନୀ ପ୍ରାଚୀ

ପ୍ରଭୁ ଶ୍ରୀପୁରୁଷୋତ୍ତମ ଜଗତର ନାଥ। ଜୀବମାନଙ୍କ କଲ୍ୟାଣ ପାଇଁ ଏବଂ ଭକ୍ତମାନଙ୍କୁ ଆନନ୍ଦ ଦେବା ନିମନ୍ତେ ପୂର୍ଣ୍ଣକାମ ପରଂବ୍ରହ୍ମ କେବେ ମାନବ ଶରୀରରେ ତ କେବେ ଦାରୁଦେହରେ ପୁରୁଷୋତ୍ତମ କ୍ଷେତ୍ରରେ ଲୀଳା କରୁଛନ୍ତି। ସେ ମଧ୍ୟ ଅଦେହ, ଅଜନ୍ମା, ଅଚିନ୍ତ୍ୟ ଓ ଅନଭିଳାଷୀ।

ସ୍କନ୍ଦ ପୁରାଣ ଅନୁଯାୟୀ ମାଳବ ଦେଶର ବିଦ୍ୟାପତିଙ୍କ ଆଗମନ ଏବଂ ନୀଳମାଧବ ଦର୍ଶନ ପରେ ଏବଂ ତାଙ୍କୁ ବିଦାୟ ଦେବା ପରେ ବିଶ୍ୱାବସୁ ଜାଣିଥିଲେ ଯେ ପ୍ରଭୁଙ୍କ ଅନ୍ତର୍ଦ୍ଧାନ ହେବାର ସମୟ ଉପନୀତ ହୋଇଗଲାଣି। ଏହା ଭାବି ଭାବି ଶବର ରାଜା ମୂର୍ଚ୍ଛାଗଲେ। ଏହା ପରେ ଶବର ସାମନ୍ତ ସର୍ଦ୍ଦାରମାନେ ଗୁପ୍ତରେ ନୀଳମାଧବଙ୍କୁ ଅନ୍ତର୍ଦ୍ଧାନ ହେବା ପୂର୍ବରୁ ନେଇ ପ୍ରାଚୀ ନଦୀ ତଟର ଘନ ଅରଣ୍ୟ ମଧ୍ୟରେ ଥିବା ଅରୁନ୍ଧତୀ ଆଶ୍ରମରେ ଗୋପନରେ ପ୍ରତିଷ୍ଠା କଲେ। ଏହି ବିଗ୍ରହ ଏବେ ମଧ୍ୟ ଶ୍ରୀମାଧବାନନ୍ଦଜୀଉ ଭାବରେ ନିଆଳି ବ୍ଲକ ଅଧୀନସ୍ଥ ମାଧବ ଗ୍ରାମରେ ପୂଜା ପାଉଛନ୍ତି। ତେଣୁ ପ୍ରାଚୀ ନଦୀ କ୍ଷେତ୍ରକୁ ମାଧବକ୍ଷେତ୍ର ମଧ୍ୟ କୁହାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର ଲୀଳାର ଆଦ୍ୟଲୀଳା ଦର୍ଶନ ପାଇଁ ପବିତ୍ର ପ୍ରାଚୀ ତଟରେ ବହୁ ଆର୍ଯ୍ୟଋଷିମାନେ ଆଗୁଆ ଆଶ୍ରମ କରି ଅପେକ୍ଷାରତ ଥିଲେ ବୋଲି ଜଣାଯାଏ। ଏବେ ବି ଏହି ଆଶ୍ରମମାନଙ୍କର ସ୍ମାରକୀ ପ୍ରାଚୀତଟରେ ବଞ୍ଚିରହିଛି। କପିଳ ସଂହିତା ଓ ପ୍ରାଚୀ ମାହାତ୍ମ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହି ନଦୀକୁ ପୂର୍ବ ଭାରତର ସରସ୍ୱତୀ ବୋଲି କୁହାଯାଏ ଏବଂ ଏହି ନଦୀ କପିଳ ମୁନିଙ୍କ ଯଜ୍ଞରୁ ଜନ୍ମନେଇଥିବା ଜଣାଯାଏ। ଏହି ପ୍ରାଚୀ ନଦୀ କୂଳରେ ୭ମ ଖ୍ରୀଷ୍ଟାବ୍ଦ ବେଳକୁ ବିଶ୍ୱାମିତ୍ର, କଣ୍ୱ, ଭରଦ୍ୱାଜ, କପିଳ ଓ ମୁଦଗଲ ଆଦି ମୁନୀଙ୍କ ଆଶ୍ରମ ଥିଲା। ଏହା ସହିତ ପ୍ରାଚୀ ନଦୀ କୂଳରେ ଦ୍ୱାଦଶ ମାଧବ, ଦ୍ୱାଦଶ ଶମ୍ଭୁ ଓ ଦ୍ୱାଦଶ ଶକ୍ତିପୀଠ ଅଦ୍ୟାବଧି ପୂଜା ପାଉଛନ୍ତି। ଆଦି କବି ଶାରଳା ଦାସଙ୍କ ଦ୍ୱାରା ରଚିତ ମହାଭାରତରେ ଏହି ଆଶ୍ରମ ବିଷୟରେ ଉଲ୍ଲେଖ ଅଛି।

ପ୍ରଭୁ ଶ୍ରୀଜଗନ୍ନାଥ ଦାରୁଦେବତା ଭାବରେ ଆବିର୍ଭାବ ହେବା ପରେ ପ୍ରଭୁଙ୍କ ନବକଳେବର ସମୟରେ ଏହି ପ୍ରାଚୀ ପୀଠେଶ୍ୱରୀ ମା'ମଙ୍ଗଳାଙ୍କ ପାଖରେ ତପସ୍ୟା କଲେ ମା'ଙ୍କ କୃପାରୁ ମହାପ୍ରଭୁଙ୍କ ପାଇଁ ମହାଦାରୁର ସନ୍ଧାନ ମିଳିଥାଏ। ତତ୍‌ସହିତ ମାଧବସ୍ଥିତ ଶ୍ରୀମାଧବାନନ୍ଦ ଜୀଉଙ୍କୁ ନୀଳମାଧବରୂପୀ ପ୍ରଭୁଙ୍କର ମାତୁଳ ରୂପେ କାଳକାଳରୁ ପୂଜା କରାଯାଉଛି। ଯେହେତୁ ପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କ ସହ ମାନବୀୟ ଲୀଳା କରୁଛନ୍ତି ଓଡ଼ିଆ ଘରର ପ୍ରଥା, ପର୍ବପର୍ବାଣି ଅନୁସାରେ ପ୍ରତିବର୍ଷ ପ୍ରଥମାଷ୍ଟମୀରେ ନିଜ ମାମୁଁଙ୍କର ମାଧବସ୍ଥିତ ଶ୍ରୀମାଧବାନନ୍ଦ ଜୀଉଙ୍କ ମନ୍ଦିରରୁ ଶ୍ରୀମନ୍ଦିରକୁ ପ୍ରଥମାଷ୍ଟମୀ ଭାର ସହ ପାଟ ଖଣ୍ଡୁଆ ପଠାଯିବାର ବିଧି ଚଳି ଆସୁଥିଲା। କିନ୍ତୁ ବିଧର୍ମୀମାନଙ୍କ ଶ୍ରୀମନ୍ଦିର ଉପରେ ବାରମ୍ବାର ଆକ୍ରମଣ ତଥା ପ୍ରଭୁଙ୍କ ଗୋପନ ଲୀଳା ଯୋଗୁଁ ଏହି ପ୍ରଥା ଦୀର୍ଘଦିନ ହେଲା ବନ୍ଦ ହୋଇଯାଇଥିଲା। କାଳକ୍ରମେ ଜନଶ୍ରୁତିକୁ ଆଧାର କରି ଦୀର୍ଘଦିନ ଧରି ବନ୍ଦ ହୋଇ ପଡ଼ିଥିବା ପ୍ରଥାକୁ ପୁଣି ଥରେ ୨୦୦୦ ମସିହାଠାରୁ ଚାଲୁ କରାଯାଇଛି।

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ଶ୍ରୀଜୀଉଙ୍କ ଜ୍ୱର ଉପଚାର ପାଇଁ ଏହି ମାଧବପୀଠରୁ ସୁସ୍ୱାଦୁ ଆମ୍ବ ଶ୍ରୀକ୍ଷେତ୍ର ପଠାଯାଉଥିଲା। ସେଥିପାଇଁ ମାଧବଜୀଉ ମନ୍ଦିର ସନ୍ନିକଟ ଚନ୍ଦ୍ରମୌଳିଠାରେ ଏକ ବିଶାଳ ଆମ୍ର ଉଦ୍ୟାନ ସୃଷ୍ଟି କରାଯାଇଥିଲା ଏବଂ ଏହି ଆମ୍ରଉଦ୍ୟାନ ଏବେ ମଧ୍ୟ ବିଦ୍ୟମାନ। କାକଟପୁର ଦେଉଳିମଠ ଓ ସମେଶ୍ୱରପୀଠରେ ଦୁଇଟି ବିଶାଳ ପଦ୍ମପୋଖରୀ ଥିଲା। ଏଠାରୁ ପଦ୍ମଫୁଲମାନ ତୋଳାଯାଇ ଚତୁର୍ଦ୍ଧା ବିଗ୍ରହଙ୍କ ସହ ମା' କମଳା ଓ ବିମଳାଙ୍କ ବେଶ ପାଇଁ ଶ୍ରୀମନ୍ଦିରକୁ ପଠାଯିବାର ବିଧିବ୍ୟବସ୍ଥା ଥିଲା। ଶ୍ରୀମନ୍ଦିରରେ ପ୍ରଭୁଙ୍କ ମହାପ୍ରସାଦ ନିମିତ୍ତ ପଦ୍ମକେଶରୀ ଚାଉଳ ଦେଉଳି ମଠରୁ ପଠାଯାଉଥିଲା।

-ପ୍ରଦୀପ୍ତ କୁମାର ସାହୁ

## ଗଠନ ହେବ ସ୍ୱତନ୍ତ୍ର ବାଟାଲିଅନ୍

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବରୁ ମେଘନାଦ ପାଚେରି କଡ଼ରେ ଚାଲି ଚାଲି ଯିବା କଷ୍ଟକର ହୋଇପଡୁଥିଲା। ଗହଳି ଏମିତି ହେଉଥିଲା ଯେ କେହି ଚାହିଁଲେ କିଛି ବି ଅଘଟଣ ଘଟାଇ ଦେଇପାରିଥାନ୍ତା। ହେଲେ ପରିକ୍ରମା ପ୍ରକଳ୍ପ ଯୋଗୁ ଏବେ ଆଉ ପୂର୍ବ ସ୍ଥିତି ନାହିଁ। ମେଘନାଦ ପାଚେରୀ କଡ଼ରୁ ୭୫ ମିଟର ପରିଧି ସମ୍ପୂର୍ଣ୍ଣ ସୁରକ୍ଷା ବଳୟରେ ରହିଛି। ପ୍ରକଳ୍ପ ଚତୁଃପାର୍ଶ୍ୱରେ ୯ଟି ସ୍ଲାଇଡିଂ ଡୋର୍ ଲଗାଯାଇଛି। ଏଠାରେ ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ନିୟୋଜିତ ରହୁଛନ୍ତି। ଏତଦ୍‌ବ୍ୟତୀତ ନିକଟରେ ଶ୍ରୀମନ୍ଦିର ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ସୁରକ୍ଷା ବାହିନୀକୁ ଅନୁମୋଦନ ଦେଇଛନ୍ତି। ଫଳରେ ଆହୁରି ସୁଦୃଢ ହେବ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା। ଏହି ସୁରକ୍ଷା ବାହିନୀ ମନ୍ଦିର ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଏବଂ ଭକ୍ତଙ୍କ ଶୃଙ୍ଖଳତ ଦର୍ଶନ ବ୍ୟବସ୍ଥାର ଦାୟିତ୍ୱ ସମ୍ଭାଳିବେ। '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦେଇଥିବା ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ। ପୁରୀ ଏସ୍‌ପିଙ୍କ ଅଧୀନରେ କାମ କରିବାକୁ ଥିବା ଏହି ବାଟାଲିଅନରେ ୧, ୧୯୦ ଜଣ ସୁରକ୍ଷା କର୍ମୀ ରହିବେ। ଏ ସବୁକୁ ନଜର ଦେଲେ ପରିକ୍ରମା ପ୍ରକଳ୍ପ ଯୋଗୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ ହୋଇଛି ଯେ ହେକି ନିଃସନ୍ଦେହରେ ସହମତି ହୋଇପାରିବ।



## କପିଳ ସଂହିତାରେ ନୀଳାଦ୍ରିନାଥ

ଏହି ଉପପୁରାଣଟି ଓଡ଼ିଶାର ପ୍ରସିଦ୍ଧ କ୍ଷେତ୍ର ନୀଳାଚଳାଦି ସମ୍ପର୍କରେ ପ୍ରଥମ ତଥା ପ୍ରାମାଣିକ ଗ୍ରନ୍ଥ ବୋଲି କୁହାଯାଇଛି। କପିଳ ସଂହିତାରେ ୩ୟ, ୪ର୍ଥ, ଓ ୫ମ ଅଧ୍ୟାୟରେ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କୁ ଭଗବାନଙ୍କ ବରଦାନ, ଇନ୍ଦ୍ରଦ୍ୟୁମ୍ନଙ୍କ ନୀଳାଚଳ ଆଗମନ, ଦାରୁମୟୀ ଚତୁର୍ଦ୍ଧାମୂର୍ତ୍ତି ପ୍ରତିଷ୍ଠା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ମୋକ୍ଷପ୍ରାପ୍ତି ସହିତ ନୀଳାଚଳର ବିଭିନ୍ନ ତୀର୍ଥ ଓ ତପସ୍ଥାନର ବର୍ଣ୍ଣନା ଏଥିରେ ରହିଛି। ଏହି ଶାସ୍ତ୍ରରେ ମୁନି ଭରଦ୍ୱାଜଙ୍କ ମୁଖରେ ନୀଳାଚଳ କ୍ଷେତ୍ରର ମହିମା ବର୍ଣ୍ଣନା ନିମ୍ନମତେ କରାଯାଇଛି-

କ୍ଷେତ୍ରଂ ନୀଳାଚଳଂ ପୁଣ୍ୟଂ ଦାରୁବ୍ରହ୍ମସ୍ୱରୂପିଣଃ।/ ଯସ୍ମିନ୍ କ୍ଷେତ୍ରେ ତ୍ୟଜନ୍ ଦେହଂ ନରୋ ବୈକୁଣ୍ଠମାପ୍ନୁୟାତ୍।।
ନୀଳାଚଳଂ ମହାପୁଣ୍ୟଂ ନୀରଦାଭପ୍ରିୟଂ ମହତ୍।/ ଦଶଯୋଜନବିସ୍ତୀର୍ଣ୍ଣ ମୂର୍ଚ୍ଛିତଂ ଯୋଜନାର୍ଦ୍ଧକମ୍।।
ସାକ୍ଷାଦ୍ ବୈକୁଣ୍ଠରୂପଂ ତତ୍ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମମ୍।/ କ୍ଷେତ୍ରାଣାମପି କ୍ଷେତ୍ରଂ ଚ ତୀର୍ଥାନାମପି ନାଦ୍‌ବରମ୍।।
ବିଶ୍ୱକର୍ମା ତତଃ ଶୀଘ୍ରଂ ପ୍ରତିମାଂ ନିର୍ମମେଦ୍ୱୟାମ୍।/ ବଳଭଦ୍ରୋ ଜଗନ୍ନାଥଃ ସୁଭଦ୍ରା ଚ ସୁଦର୍ଶନମ୍।।
ବନମାଳୀ ପୀତବାସଃ ଶଙ୍ଖଚକ୍ର ଧରୋ ହରିଃ।/ ହଳପାଣିର୍ଗଦାପାଣିଃ ଫଣାବିକଟମସ୍ତକଃ।।
ସୁଭଦ୍ରା ପଦ୍ମହସ୍ତା ଚ ସ୍ତମ୍ଭରୂପଂ ସୁଦର୍ଶନମ୍।/ ଏତାଶ୍ଚ ପ୍ରତିମାଃ କୃତ୍ୱା ସ୍ଥାପୟିତ୍ୱା ଚ ମଣ୍ଡପେ।
ବ୍ରହ୍ମଲୋକଂ ମହାବାହୁଃ ପ୍ରତିଷ୍ଠାର୍ଥଂ ସମାଯଯୌ।।/ ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ।
ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ।।



## ସାରଳା ମହାଭାରତରେ ଶ୍ରୀଜଗନ୍ନାଥ

"ଅର୍ଜୁନ ଯେ ଦହନ କଲା ଶ୍ରୀକୃଷ୍ଣ କଳେବର/ ଅକାଶର ବାଣୀ ଶୁଭିଲା ଯେ ପିଣ୍ଡ ନାଶ ନ କର।
କଳିଯୁଗ ପ୍ରବେଶ ହୋଇଲାକ ଆସି/ ନର ଲୋକନ୍ତ ବାନ୍ଧିବ ଯେ କାଳକୂଟ ଫାଶୀ।
ଧର୍ମବାଟ ଛାଡ଼ି କଳି କରାଇବ ଅଧର୍ମ/ ତେଣୁ କରି ନରମାନନ୍ତ ଶାସ୍ତି ଦେବ ଯବ।
ଯେହି ପିଣ୍ଡ ଯେ ବସିବ ନୀଳଗିରି।/ ଦଶନେ ଜନଂକର ଦୂରିତ ଯିବ ପାରି।
କଳିଯୁଗ ଚାରିଲକ୍ଷ ବତିଶ ବରଷ ପରିଯନ୍ତେ/ ଯେ ପିଣ୍ଡ ପୂଜା ପାଇବ ଶୁଣ ବୀର ପାଥେ।
ଆକାଶର ବାଣୀ ଯେ ଶୁଣିଲା ବୀର ଫାଲଗୁନି/ସମୁଦ୍ରେ ମେଲିଲା କୋଳେ ତାହା ଘେନି...।
... ଅନେକ କଷ୍ଟୋରେ ତପେ ସେବା କରିଅଛି ତାଂକୁ/ସେ କୃଷ୍ଣ ବୋଇଲେ କହ ଜାରା ଇନ୍ଦ୍ରଦ୍ମୁମନକୁ।
ରୋହିଣୀ କୁଣ୍ଡରେ ପର୍ଶି ବିଜେ କରିବୁ/ନୀଳସୁନ୍ଦର କଳପ ବଟରେ ରହିବୁ।
ତୁମ୍ଭେ ଯେବେ ରାଜା ହୋ ନୁହସି ତରସ୍ତ/ ଯେହି ରୋହିଣୀ କୁଣ୍ଡେ ତୁମ୍ଭେ ଦେଖିବ ସରୁପ ଜଗନ୍ନାଥ।...
... ରୋହିଣୀ କୁଣ୍ଡେ କିରାତ ରାୟେ ନିରୋପଇ ଆସି/ ପାତାଳୁଂ ଫୁଟିଣ କୃଷ୍ଣକଳେବର ଦିଶି।
ଅଷ୍ଟାଦଶ ହାଥ ଉଚ୍ଛର୍ଗ ଯେକକାୟେ/ସବୁନ୍ତି ଦିଶିଲେ ହରି ରକତଚନ୍ଦନ ବୃକ୍ଷ ପ୍ରାୟେ।
ଇନ୍ଦ୍ରଦ୍ମୁମନ ଚାହିଁଲା ଜାରା ଶବର ମୁଖ/ ଜାରାଶବର ବୋଇଲା ଯେ କୃଷ୍ଣ ପିଣ୍ଡଟି ପ୍ରତକ୍ଷ।





## ଜଗନ୍ନାଥଙ୍କ ନଖରୁ ଶ୍ୱେତଗଙ୍ଗା

ସିଂହଦ୍ୱାର ଓ ସ୍ୱର୍ଗଦ୍ୱାର ମଧ୍ୟ ଭାଗରେ ଶୋଭା ପାଉଛି ଶ୍ୱେତଗଙ୍ଗା ସରୋବର। ପୁରୀର ବାଲିସାହିରେ ଏହା ଅବସ୍ଥିତ। କପିଳ ସଂହିତା ଅନୁସାରେ ଏଠାରେ ସ୍ନାନ ପରେ ଶ୍ୱେତ ମାଧବ ଓ ମତ୍ସ୍ୟମାଧବଙ୍କୁ ଦର୍ଶନ କଲେ ବ୍ରହ୍ମହତ୍ୟା ଓ ଗୋହତ୍ୟା ପରି ପାପରୁ ମୁକ୍ତି ମିଳେ। ନୀଳମାଧବ ବା ଲୀଳାମୟ ଠାକୁର ପ୍ରଭୁ ଜଗନ୍ନାଥଙ୍କ ନଖରୁ ଏ ପୁଷ୍କରିଣୀ ସୃଷ୍ଟି ହୋଇଥିବା କିମ୍ବଦନ୍ତୀ ରହିଛି। ଏକ ଅନ୍ତର୍ନିହିତ ଧାରା ଶ୍ୱେତ ଗଙ୍ଗାକୁ ଗଙ୍ଗା ନଦୀ ସହ ଯୋଡ଼ିଥିବାର ଶୁଣାଯାଏ।

## ପୁରୀର ନବକଳେବରରେ ଭାଗୀଦାରି ହେବ କୋଣାର୍କ

### ଆଗନ୍ତୁକଙ୍କୁ ଆକୃଷ୍ଟ କରିବ ଅର୍କକ୍ଷେତ୍ର



ପୁରୀକୁ ବିଶ୍ୱ ଐତିହ୍ୟ ନଗରୀର ମାନ୍ୟତା ମିଳିବ। ଶ୍ରୀମନ୍ଦିର ଚୌହଦୀ ରୂପାନ୍ତରଣର ଗାଥା ଗାଇବ। ପ୍ରତ୍ୟେକ ଭକ୍ତ ଶ୍ରଦ୍ଧାଳୁ ପୁରୀକୁ ଆସି ମନ୍ତ୍ରମୁଗ୍ଧ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ରୂପାନ୍ତରଣର ରୂପକାର ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପୁରୀକୁ ନେଇ ଆଙ୍କିଛନ୍ତି ବିକାଶର ଗୋଲାପି ଚିତ୍ର। ଆଉ ଏହି ଚିତ୍ରରେ ଅର୍କକ୍ଷେତ୍ର ବା ବାଦ୍ ପଡ଼ନ୍ତା କିପରି? ପୁରୀ ବିକାଶ କାର୍ଯ୍ୟକ୍ରମର ଅଂଶ ଭାବରେ କୋଣାର୍କ ଐତିହ୍ୟ ଅଞ୍ଚଳର ବିକାଶ ପାଇଁ ପାଇଁ ରାଜ୍ୟ ସରକାର କାର୍ଯ୍ୟ ଜାରି ରଖିଛନ୍ତି। କୋଣାର୍କ ମନ୍ଦିରର ସୁରକ୍ଷା ସହ ଏହାର ସଂରକ୍ଷଣ ତଥା ଅଧିକ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯାଇପାରିବ, ତାହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର '୫-ଟି' କାର୍ଯ୍ୟକ୍ରମ ଜରିଆରେ କୋଣାର୍କ ଐତିହ୍ୟ ପ୍ରକଳ୍ପ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ସୂର୍ଯ୍ୟ ମନ୍ଦିର ଗରିମାର ସୁରକ୍ଷା, ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟାନ୍ୟ ଅନୁଭୂତି, ସ୍ଥାନୀୟ ବ୍ୟବସାୟୀମାନଙ୍କ ଆର୍ଥିକ ଉନ୍ନତି ତଥା କୋଣାର୍କ ସହ ପୁରୀ ଜିଲ୍ଲା ଓ ସମଗ୍ର ରାଜ୍ୟର ପର୍ଯ୍ୟଟନ ଅର୍ଥନୀତିର ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଏହାସହ କୋଣାର୍କ ମନ୍ଦିରର ପାରିପାର୍ଶ୍ୱିକ ଅଞ୍ଚଳ ଭିତ୍ତିଭୂମି ବିକାଶକୁ ଏହି ପ୍ରାଚୀନ ଐତିହ୍ୟ ସହ ସମନ୍ୱିତ କରିବା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ଏଥିରେ ମୁଖ୍ୟତଃ କୋଣାର୍କକୁ ଆସୁଥିବା ଯାତ୍ରୀଙ୍କ ସୁବିଧାକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ସାଢ଼େ ୩ କିଲୋମିଟର ବାହ୍ୟ ରିଂରୋଡ୍‌କୁ ୬ ଥାକିଆ ନିର୍ମାଣ କରାଯିବାକୁ ୨୦୨୧ ମସିହାରେ ରାଜ୍ୟ ସରକାର ନିଜ ପ୍ରକଳ୍ପରେ ଘୋଷଣା କରିଥିଲେ। ଏହାର କାର୍ଯ୍ୟ ବର୍ତ୍ତମାନ ଦ୍ରୁତଗତିରେ ଜାରି ରହିଛି। ଏହି କାର୍ଯ୍ୟ ସମ୍ପନ୍ନ ହେଲେ, କୋଣାର୍କ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟାରେ ଏକ ବଡ଼ ପରିବର୍ତ୍ତନ ଆସିବ। ଚନ୍ଦ୍ରଭାଗାରୁ କୋଣାର୍କ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ମଧ୍ୟ ୬ ଥାକିଆରେ ପରିଣତ କରାଯାଇଛି। ଏହାବ୍ୟତୀତ ମନ୍ଦିରକୁ ଯାଇଥିବା ସମସ୍ତ ରାସ୍ତାର ବିକାଶ କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ସେହିପରି ଯାତ୍ରୀମାନଙ୍କୁ ନେବା ଆଣିବା ପାଇଁ ଭୁବନେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ବିଭିନ୍ନ ପଏଣ୍ଟର ବିକାଶ ଉପରେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

କୋଣାର୍କ ରାସ୍ତାକୁ ଫେରିବାଲାଙ୍କ କବ୍‌ଜାରୁ ମୁକ୍ତ କରି ରାଜ୍ୟ ସରକାର ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିର ପାଇଁ ଏକ ବଡ଼ ଉପଲବ୍ଧି ଆଣିଛନ୍ତି। ପୂର୍ବରୁ କୋଣାର୍କ ମୁଖ୍ୟ ଫାଟକୁ ରାସ୍ତା ପର୍ଯ୍ୟନ୍ତ ଫେରିବାଲାଙ୍କ କବ୍‌ଜାରେ ରହିଥିଲା। ଫଳରେ ପର୍ଯ୍ୟଟକମାନେ ମନ୍ଦିର ପର୍ଯ୍ୟନ୍ତ ଯିବାକୁ ମଧ୍ୟ ରାସ୍ତା ପାଉ ନଥିଲେ। ରାଜ୍ୟ ସରକାର ଏହି ବ୍ୟବସାୟୀମାନଙ୍କୁ ରାସ୍ତାର ଉଭୟପାର୍ଶ୍ୱରୁ ସ୍ଥାନାନ୍ତର କରିଛନ୍ତି ଓ ସେମାନଙ୍କୁ ଅନ୍ୟତ୍ର ପୁନଃ ଥଇଥାନ କରିବା ପାଇଁ ଯୋଜନା କରିଛନ୍ତି। ସେହିପରି ମନ୍ଦିର ସମ୍ମୁଖରେ ଥିବା ୩୦ ଏକର ଜମି ସମ୍ପୂର୍ଣ୍ଣ ଖୋଲା ରଖି ଏଠାରେ ଲ୍ୟାଣ୍ଡସ୍କେପିଂ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବେଶ ସ୍ଥଳରେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ପାଇଁ ଏକ ସୁଦୃଶ୍ୟ କୋଣାର୍କ ଏଣ୍ଟ୍ରି ପ୍ଲାଜା ନିର୍ମାଣ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଏଥିସହ ଯାନବାହନ ପାର୍କିଂ ପାଇଁ କୋଣାର୍କ ମେଡିକାଲ୍ ପଛ ପଟେ ଏକ ମଲ୍ଟିମୋଡାଲ ହବ୍ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟ ବର୍ତ୍ତମାନ ଆରମ୍ଭ ହୋଇ ସାରିଥିବାରୁ ଖୁବ୍‌ଶୀଘ୍ର ଏହା ଶେଷ ହେବ ବୋଲି ଯୋଜନା ରହିଛି। କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚର ପୁନର୍ବିନ୍ୟାସ କରାଯିବା ସହ ଐତିହ୍ୟ ଅଞ୍ଚଳର ସୌନ୍ଦର୍ଯ୍ୟୀକରଣ କରି ପଥଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୋଣାର୍କକୁ ପ୍ରତିଦିନ ବିଶ୍ୱର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଆସିଥାଆନ୍ତି। ତେଣୁ କୋଣାର୍କ ଅଞ୍ଚଳର ଭିତ୍ତିଭୂମି ବିକାଶକୁ ଅନ୍ତର୍ଜାତୀୟ ମାନର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କଳିଙ୍ଗ ସ୍ଥାପତ୍ୟ କଳାର ଅପୂର୍ବ ନିଦର୍ଶନ ଭାବେ କୋଣାର୍କ ମନ୍ଦିର ଛିଡ଼ା ହୋଇଛି। ଗଙ୍ଗବଂଶର ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ତ୍ରୟୋଦଶ ଶତାବ୍ଦୀର ଏହି ଅନୁପମ କୀର୍ତ୍ତି ତା'ର ଅବିଶ୍ୱସନୀୟ କଳା ଓ ଭାସ୍କର୍ଯ୍ୟ ପାଇଁ ସାରା ବିଶ୍ୱର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ଆସିଛି। ଭଗବାନ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ମନ୍ଦିର ଓଡ଼ିଶାର କାରିଗର ଓ ଶିଳ୍ପୀମାନଙ୍କ ଦକ୍ଷତାର ଜୟଗାନ କରି ଆସୁଛି। ୧୯୮୪ରେ ୟୁନେସ୍କୋ ପକ୍ଷରୁ କୋଣାର୍କକୁ ଐତିହ୍ୟର ମାନ୍ୟତା ପ୍ରଦାନ କରାଯାଇଛି। ଏହି ମହାନ୍ ସାଂସ୍କୃତିକ ବୈଭବର ସୁରକ୍ଷା ସମସ୍ତଙ୍କର ନୈତିକ ଦାୟିତ୍ୱ। କୋଣାର୍କ ଯୋଜନାରେ ସ୍ଥାନୀୟ ଲୋକଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ ସହ ଐତିହ୍ୟ ସଂରକ୍ଷଣ ଓ ବିକାଶରେ ବିଶ୍ୱସ୍ତରୀୟ ଦୃଷ୍ଟିଭଙ୍ଗୀର ପ୍ରତିଫଳନ ହୋଇଛି। ପୁରୀକୁ ଆସୁଥିବା ଅଧିକାଂଶ ପର୍ଯ୍ୟଟକ ଚନ୍ଦ୍ରଭାଗା ବେଳାଭୂମି ସହ କୋଣାର୍କ ମନ୍ଦିର ପରିଦର୍ଶନ କରିଥାନ୍ତି। ଏଥିପାଇଁ ପୁରୀ, କୋଣାର୍କ ଓ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଆଦିକୁ ସ୍ୱର୍ଣ୍ଣ ତ୍ରିଭୁଜ ବୋଲି କୁହାଯାଇଥାଏ।



## ଋଷିଙ୍କ ଗାଥା ଗାଏ ମାର୍କଣ୍ଡେୟ

ପୁରୀକୁ ଆସୁଥିବା ଶ୍ରଦ୍ଧାଳୁମାନେ ମାର୍କଣ୍ଡେୟ ପୁଷ୍କରିଣୀରୁ ହିଁ ନିଜର ପବିତ୍ର ତୀର୍ଥ ଯାତ୍ରାର ଶୁଭାରମ୍ଭ କରନ୍ତି। କୁହାଯାଏ ଭଗବାନ ଏହି ସ୍ଥାନରେ ଋଷି ମାର୍କଣ୍ଡେୟଙ୍କୁ ଉଦ୍ଧାର କରିଥିଲେ। ଜ୍ଞାନପ୍ରାପ୍ତି ପୂର୍ବରୁ ଋଷି ଏହି ସ୍ଥାନରେ ଗଭୀର ତପସ୍ୟାରେ ମଗ୍ନ ଥିଲେ। ଏହି ପୁଷ୍କରିଣୀ ଶ୍ରୀମନ୍ଦିରର ଦକ୍ଷିଣ-ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ। ଏହାର କେନ୍ଦ୍ରସ୍ଥଳରେ ରହିଛି ଯଜ୍ଞବେଦୀ। ଏହି ପୁଷ୍କରିଣୀରେ ହିଁ ଅଧିକ ଦାନ, ସ୍ନାନ, ତପ, ଶ୍ରାଦ୍ଧ ଓ ଦଶାହ କାମ ହୋଇଥାଏ। ପ୍ରଭୁ ଜଗନ୍ନାଥଙ୍କ କଳୀୟ ଦଳନ ନୀତି ଏହି ମାର୍କଣ୍ଡେୟ ପୁଷ୍କରିଣୀରେ ହୋଇଥାଏ। ପୁଷ୍କରିଣୀ ଥିବା ଶ୍ରୀ ମାର୍କଣ୍ଡେଶ୍ୱର ମନ୍ଦିରରେ ବିରାଡ଼ିକୁ ପୂଜା କରାଯାଏ।

# ଡିଲରଙ୍କ ବିରୁଦ୍ଧରେ ବିଡିଓଙ୍କୁ ଅଭିଯୋଗ କଲେ ହିତାଧିକାରୀ

ନାଉଗାଁ, ୧୬।୧(ସମିସ): ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତ ଧୂଆଁପଦା ଅଞ୍ଚଳରେ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିବା ଡିଲରଙ୍କ ବିରୁଦ୍ଧରେ ଗ୍ରାମବାସୀ ନାଉଗାଁ ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଏହି ପଞ୍ଚାୟତର ଦାୟିତ୍ୱରେ ଥିବା ଡିଲର ହିତାଧିକାରୀମାନଙ୍କୁ ଯେଉଁ ରାସନକାର୍ଡରେ ୨୦ କିଲୋଗ୍ରାମ ଚାଉଳରୁ ଅଧିକ ରହିଛି ସେଥିରୁ ପ୍ରତି ୨୦ କେଜିରେ ୧କେଜି କାଟି ୧୯ କେଜି ଚାଉଳ ପ୍ରଦାନ କରୁଛନ୍ତି। ଫଳରେ ହିତାଧିକାରୀମାନେ ଅଭିଯୋଗ କଲେ ଡିଲର ଗାଳିଗୁଲଜ କରିବା ସହିତ ଆଉ ଚାଉଳ ପ୍ରଦାନ କରିବେ ନାହିଁ ବୋଲି ଧମକ ଦେଉଛନ୍ତି। ଯାହାକୁନେଇ ଗ୍ରାମର ନିରଞ୍ଜନ ବିଶ୍ୱାଳ, ରଶ୍ମିରଞ୍ଜନ ନାୟକ, ଚିତ୍ତରଞ୍ଜନ ସ୍ୱାଇଁ, ଅକ୍ଷୟ ଦାସଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ବିଡିଓଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ନାଉଗାଁ ବିଡିଓ ତପନ କୁମାର ମହାପାତ୍ରଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ଇଭିଏମ୍, ଭିଭିପାଟ ସଚେତନତା ରଥ ପରିକ୍ରମା



ଜଗତସିଂହପୁର, ୧୬।୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ପାରୁଲ ପଟାୱରି ଇଭିଏମ୍, ଭିଭିପାଟ ବ୍ୟବହାର ସମ୍ବନ୍ଧିତ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ମୁନିସିପାଲିଟିର ୮୫୪ ଟି ଲୋକେସନରେ ପରିକ୍ରମା କରି ଭୋଟରମାନଙ୍କୁ ଇଭିଏମ୍‌ରେ ଭୋଟ ଦାନ ସମ୍ପର୍କରେ ସଚେତନ କରାଇବ। ଗୋଟିଏ ଷ୍ଟେସନରେ ଏହି ରଥ ୯୦ ମିନିଟ୍ ରହି ଭୋଟର ମାନଙ୍କୁ ବୁଝାଇବ ଓ ପ୍ରତ୍ୟେକ ଦିନ ୩ଟିରୁ ୪ଟି ପୋଲିଂ ଷ୍ଟେସନ୍ ପରିକ୍ରମା କରିବ। ଜଗତସିଂହପୁର ପୌର ପରିଷଦରେ ଏହି ରଥ ଶୁଭାରମ୍ଭ ଅବସରରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ସହକାରୀ ଜିଲ୍ଲାପାଳ ରାଜେଶ କୁମାର ସାହୁ, କଳ୍ପିତା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପୌର ପରିଷଦକର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ବୋଧେଇ ଧାନମଣ୍ଡି ଉଦ୍‌ଘାଟିତ



ମଣିଜଙ୍ଗା, ୧୬।୧(ସମିସ): ଗତକାଲି ସମବାୟ ସମିତିର ସଭାପତି, କେଦାର ଚରଣ ସ୍ୱାଇଁ ବୋଧେଇ ମଣ୍ଡିକୁ ଉଦ୍‌ଘାଟନ କରିଛନ୍ତି।ଏହି ଉତ୍ସବରେ ସି.ସି.ବି. ବ୍ୟାଙ୍କର ପରିଚାଳକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୋଧେଇ ପଞ୍ଚାୟତର ସରପଞ୍ଚ ଜସ୍‌ମିନ୍ ଆଚାର୍ଯ୍ୟ, ପଞ୍ଚାୟତର ବିଜେଡି. ସଭାପତି ଅଭିରାମ ଆଚାର୍ଯ୍ୟ, ପିପ୍ପଳମାଧବ ସରପଞ୍ଚ ଅଶୋକ କୁମାର ନାୟକ, ଡାଇରେକ୍ଟର, ବୋର୍ଡମେମ୍ବର ବିଷ୍ଣୁପ୍ରସାଦ କାନୁନ୍‌ଗୋ ଦିଲ୍ଲିପ କୁମାର ମହାନ୍ତି, ଅନାମ ଜେନା, ଗୌରାଙ୍ଗ ଚରଣ ମଲ୍ଲ, ନିମାଇଁ ଚରଣ ମଲ୍ଲ ପ୍ରମୁଖ ଯୋଗଦେଇ ଧାନ ଦେବା ସଙ୍ଗେ ସଙ୍ଗେ ଧାନମଣ୍ଡିର ଉନ୍ନତି କାମନା କରିଥିଲେ।

# ପିପ୍ପଳମାଧବରେ ଅର୍ପଣ ରଥକୁ ସ୍ୱାଗତ

ମଣିଜଙ୍ଗା, ୧୬।୧(ସମିସ): ତିର୍ତ୍ତୋଲ ବ୍ଲକର ପିପ୍ପଳମାଧବ ଗ୍ରାମପଞ୍ଚାୟତର



ଶେଷ ଦିନରେ ଅର୍ପଣ ରଥକୁ ପିପ୍ପଳମାଧବ ଗ୍ରାମପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଗାଁ ଦାଣ୍ଡରେ ଝୋଟି ଓ ଚିତା ପକାଇ ରଥକୁ ସମ୍ବର୍ଦ୍ଧିତ କରିଥିଲେ। ହରିବୋଲ, ହୁଳହୁଳି ସହିତ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା। ଦିବା ୧୧ଟା ସମୟରେ ପଞ୍ଚାୟତ ଅଫିସ୍‌ରୁ ବାହାରି ମହମ୍ମଦାବାଦ୍, ସିତୋଳେଇ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ଖଦାଳ, ଓତଳ ଆଦି ଗ୍ରାମ ପରିକ୍ରମା କରିବା ପରେ ଧର୍ମେଶ୍ୱର ମନ୍ଦିରରେ ପ୍ରସାଦ ସେବନ କରିବା ପରେ ବଡିଲୋର ପଞ୍ଚସଖା ହନୁମାନ ମନ୍ଦିର, ମା' ପାଦୁକେଇ ମନ୍ଦିର, ବେଲକୂଳ ବଟମହାପୁରୁଷ ଓ ମା' ବରୁଣେଇଙ୍କ ପାଖରେ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଅଶୋକ କୁମାର ନାୟକ କୃପାସିନ୍ଧୁ ସାହୁ, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ବରିଷ୍ଠ ବିଜେଡି. ନେତା ସନ୍ତୋଷ କୁମାର ନାୟକ, ପ୍ରଦୀପ୍ତ ନାୟକ, ବି.ଜେ.ଡିର ଯୁବ ସଭାପତି ଜଗଦିଶ୍ କୁମାର ସ୍ୱାଇଁ, ଗୋଲେଖ ରାଉଳ, ପ୍ରଭୃତି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା

# 'ବହିକୁ ଭଲପାଉଥିବା ଲୋକଟି ନିଶ୍ଚୟ ଭଲ ମଣିଷ'

ଜଗତସିଂହପୁର, ୧୬।୧(ସମିସ):

ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଜଗତସିଂହପୁର ପୁସ୍ତକ ମେଳାର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ଆୟୋଜିତ ଦ୍ୱିତୀୟ ସନ୍ଧ୍ୟାରେ ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ କଥାକାର ଡ. ସୁଲୋଚନା ଦାସ ଯୋଗଦେଇ ବହିକୁ ଭଲ ପାଉଥିବା ଲୋକଟିଏ ନିଶ୍ଚୟ ଜଣେ ଭଲ ମଣିଷ ହୋଇଥାଏ ବୋଲି କହିଥିଲେ। ସେ ଆହୁରି କହିଲେ ଯେ, ଆମେ ଏବେ ଆଉ ଭଲ ବହି ପଢୁନାହୁଁ। କିନ୍ତୁ ବହି କେବେ କାହାକୁ ନିରାଶ କରେନାହିଁ। ଅନ୍ୟତମ ସମ୍ମନିତ ଅତିଥି ଭାବରେ ନାଇଜର କୁଳସଚିବ ଡ଼. ଅଭୟ ନାୟକ ଯୋଗଦେଇ ଜଗତସିଂହପୁର ମାଟିର ମହକ ହେଉଛି ଆଦିକବି ଶାରଳା ଦାସଙ୍କ ମହାଭାରତ ବୋଲି କହିଥିଲେ। ଶାରଳା ଦାସଙ୍କ ମହାଭାରତ ଅନନ୍ୟ ଓ ସ୍ୱତନ୍ତ୍ର ବୋଲି ସେ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ



ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି କହିଲେ ଯେ ଓଡ଼ିଶାର ପ୍ରଥମ ତଥା ବୃହତ ବହି ସାରଳା ଦାସଙ୍କ ମହାଭାରତ। ସେହିପରି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ନାଟକ ସୃଷ୍ଟିରେ ଜଗତସିଂହପୁର ଜିଲ୍ଲା ସର୍ବାଗ୍ରେ ରହିଆସିଛି। ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ରମାକାନ୍ତ ପଣ୍ଡା ବେଦପାଠ କରିଥିବା ବେଳେ କାର୍ଯ୍ୟକାରିଣୀ ସଭ୍ୟ ମାନସ କୁମାର ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ସାମ୍ବାଦିକ ବୈଦ୍ୟନାଥ ପରିଡ଼ାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆସର ଉତ୍ସର୍ଗ କରିଥିଲେ। ଏହି ଅବସରରେ ନାଟ୍ୟକାର ଡ. କୈଳାସ ଚନ୍ଦ୍ର ମଲ୍ଲିକଙ୍କ ନାଟକ 'ଏବଂ ଆମେ ମାନେ' ଓ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ଶିଶୁ ଏକାଙ୍କିକାମାଳା 'ନାରୀ ନାରାୟଣୀ' ଓ 'ନବକାକଳି'ର ମକର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା।

ଆଜିର ଉତ୍ସବରେ ପୁସ୍ତକ ମେଳାର ପ୍ରତିଷ୍ଠାତା ସଦସ୍ୟ ଡଃ ଅଜୟ କୁମାର ମିଶ୍ର, ଲାଲା ସଂଗ୍ରାମ କେଶରୀ ରାୟ, ଉତ୍କଳ ରଞ୍ଜନ ମହାନ୍ତି, ଇଂ ବିଷ୍ଣୁ ସାହୁ, ପୀତାମ୍ବର ମହାପାତ୍ର, ଅବନୀକାନ୍ତ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। କେତେକ ପ୍ରକାଶନ ସଂସ୍ଥାକୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ କାର୍ଯ୍ୟକାରିଣୀ ସଭ୍ୟ ମାନସ କୁମାର କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ସାହିତ୍ୟ ପତ୍ରିକା 'ନବକାକଳି' ପକ୍ଷରୁ କବିତା ପାଠୋତ୍ସବ ଓ ଅପରାହ୍ନରେ କିଶାରାମ ବିଶ୍ୱାଳ ଫାଉଣ୍ଡେସନ ପକ୍ଷରୁ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ କିଶାରାମ ବିଶ୍ୱାଳ ଫାଉଣ୍ଡେସନ୍ ସଭାପତି ତଥା ଜିଏସ୍‌ଟି ଆସିଷ୍ଟାଣ୍ଟ କମିଶନର ପୁଷ୍କର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। କୁଇଜ୍ କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର୍ ପ୍ରଦୀପ୍ତ କିଶୋର ଚୌଧୁରୀ ପରିଚାଳନା କରିଥିବା ବେଳେ ଦୁର୍ଯୋଧନ ମହାରଣା ଓ ଅବିନାଶ ସ୍ୱାଇଁ ସହଯୋଗ କରିଥିଲେ। ସନ୍ଧ୍ୟାରେ ଭବାନୀ ପ୍ରସାଦ କଳା ପରିଷଦ, ବଲାଙ୍ଗୀର ସମେତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ଅଧିବେଶନ

ବିରିଡି, ୧୬।୧(ସମିସ): ବିରିଡି ବ୍ଲକ କୁଳକଇଜଙ୍ଗା (ନୂଆପାରୀ) ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ଅଧିବେଶନ ସ୍ଥାନୀୟ ନୂଆପାରୀ ସ୍ଥିତି ମଦନମୋହନ ମଠ ତଥା ଜଗଦ୍‌ଗୁରୁଙ୍କ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସ୍ଥାୟୀ ସଭାପତି ଯୁଧିଷ୍ଠିର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସମ୍ପାଦକ ସୁରେନ୍ଦ୍ର କୁମାର ନାୟକ, ଉପସଭାପତି ସୁଦର୍ଶନ ମାଣିଆ, ସାହସମ୍ପାଦକ ରେଣୁବାଳା ମହାନ୍ତି, କୋଷାଧକ୍ଷ ଭୀମସେନ ମହାନ୍ତି, ହିସାବ ରକ୍ଷକ ଗୁଣ୍ଡୁଚି ଓଝା ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହି ପ୍ରଥମେ ମଞ୍ଚର ଦୁଇ ଦିବଂଗତ ସଭ୍ୟ ମହେଶ୍ୱର ଦାସ ଓ ପବନ ବେହେରାଙ୍କ ଅମରଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ



ପରେ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ସମୟରେ ଉପେକ୍ଷା କରଯାଉଥିବାରୁ କ୍ଷୋଭ ପ୍ରକାଶ ପାଇବାସହ ଏଥିପ୍ରତି ପ୍ରଶାସନିକସ୍ତରରେ ତୁରନ୍ତ ଦୃଷ୍ଟି ଦେଇ ବରିଷ୍ଠ ନାଗରିକଙ୍କୁ ଯଥୋଚିତ ସମ୍ମାନ ଓ ସୁରକ୍ଷା ଦେବାକୁ ଦାବି ଉଠିଥିଲା। ଏହି ମଞ୍ଚ ସହିତ ଅଧିକରୁ ଅଧିକ ବରିଷ୍ଠ ନାଗରିକ ଯୋଡି ହେବାକୁ ପ୍ରସ୍ତାବ ରଖାଯାଇଥିଲା। ବୈଠକରେ ଅଞ୍ଜନ କୁମାର ବିଶ୍ୱାଳଙ୍କୁ ନୂତନ କାର୍ଯ୍ୟକାରୀ ସମ୍ପାଦକ ଭାବେ ନିଆଯାଇଥିଲା। ପ୍ରଭାତୀ ମହାନ୍ତି, ସୁବାଷ ପ୍ରଧାନ, ଗୁରୁପ୍ରସାଦ ଦାସ, କୈଳାସ ଚନ୍ଦ୍ର ସ୍ୱାଇଁ, ନାରାୟଣ ବିଶ୍ୱାଳ, ବାବାଜୀ ଚୌଧୁରୀ, ଗୋବିନ୍ଦ ରାଓ ଦୋରା, ସୁନାକର ଦଳେଇ, ରବୀନ୍ଦ୍ର ବେହେରା, ରାମଚନ୍ଦ୍ର ବାରିକ, ନିତ୍ୟାନନ୍ଦ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ■ ସୋଲାର ପାଣି ଟାଙ୍କିକୁ ନେଇ ବିବାଦ

# ସ୍ଥାନାନ୍ତର ଦାବି କଲେ ଜନପ୍ରତିନିଧି

ଏରସମା, ୧୬।୧(ସମିସ): ଏରସମା ବ୍ଲକ ପଏଦା ପଞ୍ଚାତୟ କାଇଥଳ ଗ୍ରାମରେ ସୋଲାର ପାଣି ଟାଙ୍କି ସଠିକ ସ୍ଥାନରେ ନ ବସି ବ୍ୟକ୍ତିଗତ ସ୍ଥାନରେ ବସିଛି ବୋଲି ପଞ୍ଚାୟତରେ ବିବାଦ ତେଜିଲାଣି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି ଜଣାପଡ଼ିଛି।



ତେବେ କାଇଥଳ ଗ୍ରାମରେ ୬୦ରୁ୭୦ ଘର ଥିଲା ବେଳେ ୪/୫ଟି ଘରପାଇଁ ବ୍ୟକ୍ତିଗତ ସ୍ଥାନରେ ଏହି ସୋଲାର ପାଣିଟାଙ୍କି ବସିଛି ବୋଲି ଅଭିଯୋଗ ହୋଇଛି। ଏହା କିପରି ସ୍ଥାନାନ୍ତର ହୋଇ କାଇଥଳ ଗ୍ରାମରେ ବସିପାରିବ ପଞ୍ଚାୟତର ଜନପ୍ରତିନିଧି ମାନେ ପୂର୍ବତନ ସରପଞ୍ଚ ପ୍ରଦୀପ୍ତ କିଶୋର ପରିଡ଼ା, ସମିତି ସଭ୍ୟା ଅନିତା ନାୟକ, ତପନ ପରିଜା, ରମେଶ ସାସମଲ, ପୂର୍ବତନ ଚେୟାରମ୍ୟାନ ମାନସ ସେଠୀ, ମନୋଜ ନାୟକ, ସଂଗ୍ରାମ ବାରିକ, ରଞ୍ଜନ ପଟ୍ଟନାୟକ, ଗୌରାଙ୍ଗ ସ୍ୱାଇଁ, ସୁଶିଲ ମଲିକି ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ତୁରନ୍ତ ସ୍ଥାନାନ୍ତ ନହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି।

## ଚିକେନ୍ ଭୋଜି ଦେବାକୁ ମନା କରିବାରୁ

# ୧୨ ପୋଷା ପାରାକୁ ମାରିଦେଲେ ପଡୋଶୀ

ପାରାଦ୍ୱୀପ, ୧୬।୧(ସମିସ): ପାରାଦୀପ ଆଦର୍ଶ ଥାନା ଅଧିନ ତାରିଣୀଗଡ଼ା ଅଞ୍ଚଳରେ ୧୨ଟି ପୋଷାପାରାକୁ ମାରି ପଡୋଶୀ ମାରି ଦେଇଥିବା ଜଣେ ବ୍ୟକ୍ତି ଥାନାରେ



ଅଭିଯୋଗ କରିଛନ୍ତି। ଚିକେନ୍ ଭୋଜି ନଦେବାରୁ ସେ ଏପରି କରିଥିବା କହିଛନ୍ତି ଅମର ବାରିକ। ଅଭିଯୋଗ ଅନୁଯାୟୀ ତାରିଣୀଗଡ଼ା ଅଞ୍ଚଳରେ ରହୁଥିବା ଅମର ଘରେ ପାଳିଥିବା ୧୨ଟି ପାରାକୁ ପଡ଼ିଶା ବିବେକ ଓ ତା'ର ୬ ଜଣ ସାଙ୍ଗ ମିଶି ମାରି ଦେଇଥିଲେ। ଅପରାହ୍ନ ୪ଟାବେଳେ ଛାତ ଉପରକୁ ଯାଇ ଦେଖନ୍ତି ୧୨ଟି ପାରାକୁ ମାରି ଧାଡି କରି ଶୁଆଇ ଦେଇଛନ୍ତି। ଗତ ସପ୍ତାହରେ ବିବେକ ତାଙ୍କୁ ଏକ ଚିକେନ୍ ଭୋଜି ଦେବାକୁ ଧମକାଇଥିଲେ, ନ ଦେବାରୁ ଏପରି କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଆଦର୍ଶଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ୍ୟ କାହାରିକୁ ଗିରଫ କରିନାହିଁ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଘାଟିତ

ଜଗତସିଂହପୁର, ୧୬।୧(ସମିସ): ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ସଚେତନତା ରଥକୁ

**ବୁଲିଲା ସଚେତନତା ରଥ**



ଜିଲ୍ଲାପାଳ ପାରୁଲ ପଟାୱରି ଓ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସୁସଜ୍ଜିତ ରଥ ଜିଲ୍ଲାର ପ୍ରତ୍ୟେକ ସେଚାଞ୍ଚଳରେ ପରିକ୍ରମା କରି ଜନସାଧାରଣଙ୍କୁ ପାଣି ପଞ୍ଚାୟତର ଆଭିମୁଖ୍ୟ ଓ ଚାଷୀ ପଞ୍ଜୀକରଣ ବାର୍ତ୍ତା ମାଧ୍ୟମରେ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ଉନ୍ନତି, ପ୍ରତ୍ୟେକ ସଭ୍ୟଙ୍କ ମଧ୍ୟରେ ଉତ୍ତମ ଜଳ ବଣ୍ଟନ, ବାର୍ଷିକ ଫସଲ ଖସଡା ପ୍ରସ୍ତୁତି ଓ କାର୍ଯ୍ୟକାରିତା, ପଞ୍ଚାୟତ ସଭ୍ୟ ମାନଙ୍କ ନିମନ୍ତେ ତାଲିମ ଓ କ୍ଷେତ୍ର ପରିଦର୍ଶନର ବ୍ୟବସ୍ଥା ଆଦି ସମ୍ବନ୍ଧରେ ସଚେତନ କରାଇବ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ରଥ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇବ। ଏହି ଉଦଘାଟନୀ ଉତ୍ସବରେ ଜଗତସିଂହପୁର ଜଳ ସେଚନ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ନାୟକ, ମହାନଦୀ ଦକ୍ଷିଣ ବିଭାଜନ ର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି, ଅନ୍ୟ ସହକାରୀ ଯନ୍ତ୍ରୀ ତଥା ପାଣି ପଞ୍ଚାୟତର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ■ ସମୀର ଓ ସୁଶୀଲ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପାରାଦୀପକୁ ହରାଇ ସେମିରେ କଟକ ନିମପୁର

ପାରାଦୀପ, ୧୬।୧(ସମିସ): ବୁଢୀ ଜାଡୁଆଣି ଯୁବକ ସଙ୍ଘ, ଜଗତି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ନିମପୁର କଟକ ଦଳ ୧୬୯ ରନ ବ୍ୟବଧାନରେ ପାରାଦୀପକୁ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଓଡ଼ିଶା ରଣଜିତ ତାରକା ପ୍ରଶାନ୍ତ କୁମାର ସାହୁଙ୍କ ଆକର୍ଷଣୀୟ ୮୫ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ନିମପୁର, କଟକ ୮ ଉଇକେଟ ବିନିମୟରେ ୨୬୯ ରନ ସଂଗ୍ରହ କରିଥିଲା। ଜବାବରେ ପାରାଦୀପ କ୍ରିକେଟ କ୍ଲବ ସମସ୍ତ ଉଇକେଟ ହରାଇ ୫୮ ରନ କରିଥିଲା। ନିମପୁର ତରଫରୁ ଗିରିଜା ରାଉତ ୪ ଉଇକେଟ ତଥା ପ୍ରଶାନ୍ତ କୁମାର ସାହୁ ୨ ଉଇକେଟ ଅକ୍ତିଆର କରିଥିଲେ। ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ନିମପୁରର ପ୍ରଶାନ୍ତ କୁମାର ସାହୁଙ୍କୁ ସମରେନ୍ଦ୍ର ମହାପାତ୍ର ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଉକ୍ତ ମ୍ୟାଚକୁ ଓସିଏ ଅମ୍ପେୟାର ପ୍ଲାବନ ସ୍ୱାଇଁ ଏବଂ ଚନ୍ଦ୍ରଶେଖର ମହାନ୍ତି ଖେଳ ପରିଚାଳନା କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନଶୁଣାଣି

# ୧୩ଟି ଅଭିଯୋଗର ତତ୍କାଳ ଫଇସଲା

ଜଗତସିଂହପୁର, ୧୬।୧(ସମିସ):

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟାୱରୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୫୮ଟି ଅଭିଯୋଗ ଫଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୪୮, ଗୋଷ୍ଠୀଗତ ୧୦ଟି ଥିଲା। ୧୩ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି. ଆର୍, ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ୍ ରାଉତ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପ-ଜିଲ୍ଲାପାଳ



ପ୍ରଦୀପ କୁମାର ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ, ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର ତାରିଣୀ ରଞ୍ଜନ ରାୟ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୨ ଜଣ ଦୃଷ୍ଟିବାଧିତ ଛାତ୍ରୀ ଶୁଭଶ୍ରୀ ଲେଙ୍କା ଓ ସରିତା ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ଜିଲ୍ଲାପାଳ ଲାପ୍‌ଟପ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାଏକ ଉପସ୍ଥିତ ଥିଲେ।

# ଜାତୀୟ ଯୁବ ସପ୍ତାହ ପାଳିତ

ତିର୍ତ୍ତୋଲ, ୧୬।୧(ସମିସ): ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ ବାଁବରଡା ଗ୍ରାମସ୍ଥିତ ରାଧାକାନ୍ତଙ୍କ ମନ୍ଦିର ପ୍ରାଙ୍ଗଣରେ ଗ୍ରାମର ରାମକୃଷ୍ଣ ବିବେକାନନ୍ଦ ଭାବ ପ୍ରଚାର ସମିତି ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ସପ୍ତାହ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଶିକ୍ଷାବିତ ଝୁଲରାମ ଦାସ, ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ, ପଣ୍ଡିତ ଦୟାନିଧି ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱାମୀ ବିବକାନନ୍ଦଙ୍କ ଜୀବନାର୍ଶନ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ ଧିରେନ୍ଦ୍ରନାଥ ବିଶ୍ୱାଳ ଅତିଥି ପରିଚୟ ଓ ସମିତିର ସମ୍ପାଦକ ରଞ୍ଜନ କୁମାର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗିଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ସମିତି ତରଫରୁ ୨୦ଜଣଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା।

## କୁଜଙ୍ଗ ମହୋତ୍ସବର ତୃତୀୟ ସନ୍ଧ୍ୟା

# 'ମହିଳାଙ୍କ ବିକାଶ ରାଜ୍ୟକୁ ଅଧିକ ସମୃଦ୍ଧ କରିଛି'

କୁଜଙ୍ଗ, ୧୬।୧(ସମିସ): ଆଜି ରାଜ୍ୟରେ ମହିଳାଙ୍କ ବିକାଶ ଘଟିଛି। ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ କରି ଯୁଗାନ୍ତକାରୀ ପ୍ରକଳ୍ପର ଶୁଭାରମ୍ଭ ହୋଇ ପାରୁଛି। ବିଭିନ୍ନ ମହୋତ୍ସବ ମାଧ୍ୟମରେ ସମ୍ବଲପୁରର କଳା ଓ ଉପକୂଳ ଓଡ଼ିଶାର କଳା ମନୋରଞ୍ଜନ ଦେବାସହ ଅଞ୍ଚଳର ପ୍ରାଚୀନ ସଂସ୍କୃତିକୁ ଉଜ୍ଜିବିତ କରିବାରେ ସହାୟକ ହୋଇପାରୁଛି ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମହିଳା ଶଶକ୍ତି କରଣ ରାଷ୍ଟ୍ରମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କୁଜଙ୍ଗ ଲୋକ ମହୋତ୍ସବର ତୃତୀୟ ସଂନ୍ଧ୍ୟାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଛନ୍ତି।

କୁଜଙ୍ଗ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ସାଂସ୍କୃତିକ ସଭାରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଅନ୍ୟତମ ଅତିଥିଭାବେ



ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, ସମିତି ସଭ୍ୟା ସସ୍ମିତା ନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ ଯୋଗ ଦେଇଥିଲେ। ସଂଳାପକାର ଶରଣାରବିନ୍ଦ ଓଝା ମଞ୍ଚ ସଂଯୋଜନା କରିଥିବା ବେଳେ ମହୋତ୍ସବ କମିଟିର ସାଂଗଠନିକ ସମ୍ପାଦକ ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନ୍ୟାସନାଲ ସ୍କୁଲ ପକ୍ଷରୁ ପରୀ ଗୀତି ନାଟିକା ସମସ୍ତଙ୍କୁ ବିମୋହିତ କରିଥିଲା। ପରେ ମେଲୋଡି ଓ ଅନ୍ୟାନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଥିଲେ କୁଜଙ୍ଗବାସୀ।

## ମା'ପାଟ ସାମୁଲାଇଙ୍କ ମକରବେଢ଼ା ପରିକ୍ରମା




**କେନ୍ଦ୍ରାପଡ଼ା,୧୬।୧(ସମିସ):** ନବେ ଦଶକରୁ ଦୁହୁରିଆ ସନ୍ନିକଟ ପାଣ୍ଡିରୀ ଠାରୁ ଠାକୁରହାଟ ରାସ୍ତାର ମଧ୍ୟସ୍ଥଳର ପାଟନାଳୀ କୂଳରେ ମା'ପାଟ ସାମୁଲାଇଙ୍କ ବିଜେସ୍ଥଳୀରେ ପ୍ରତିବର୍ଷ ମକର ସଂକ୍ରାନ୍ତି ପାଳିତ ହୋଇଥାଏ। ଚଳିତବର୍ଷ ମଧ୍ୟ ମା'ଙ୍କ ମକରବେଢା ପରିକ୍ରମା ମହାସମାରୋହରେ ପାଳିତ ହୋଇଯାଇଛି। ଜମଧର ଗ୍ରାମପଞ୍ଚାୟତର ପାଣ୍ଡିରୀ, କଣ୍ଟାପଦା, କଷୋଟୀ, ଜୁଇଦାସପୁର, ଗୁଆଳସିଂ ପଞ୍ଚାୟତର ଖସାପଡିଆ, ବାଲିପାଟଣା, ଛାଞ୍ଚୁଣିଆ, ହଳଦିଆ, ଠାକୁରହାଟ, ଠାକୁରପାଟଣା ସମେତ ଉଦୟନଗର ପ୍ରଭୃତି ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଲୋକମାନେ ଏକାଠି ହୋଇ ମା'ଙ୍କ ମକରବେଢା ପରିକ୍ରମା କାର୍ଯ୍ୟକ୍ରମକୁ ପାଳନ କରିଛନ୍ତି। ମୁଖ୍ୟ ପୂଜକ ରମେଶ ଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବକୁ କରୁଣାକର ରାଉତ, ପ୍ରଭାକର ସାହୁ, ମହେଶ୍ୱର ସାହୁ, ନାରାୟଣ ସାହୁ, ଗୋଲଖ ଚନ୍ଦ୍ର ସାହୁ, ନରହରି ପୋଥାଳ, ବିକାଶ ବିଶ୍ୱାଳ, ବିରବର ବିଶ୍ୱାଳ, ସପନା ମହାନ୍ତି, ରତିକାନ୍ତ ସାହୁ, ବାବୁଲି ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଅଙ୍ଗୁଳାଇ କପ୍ କ୍ରିକେଟ୍,ଇଲେଭେନ ଷ୍ଟାର୍ ଚାମ୍ପିଅନ୍




**ମାର୍ଶାଘାଇ,୧୬।୧(ସମିସ):** କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକ ଆନ୍ତଃ ଜିଲ୍ଲା ସ୍ତରୀୟ ଅଙ୍ଗୁଳାଇ ଚ୍ୟାଲେଞ୍ଜ କପ ଫାଇନାଲ ମ୍ୟାଚ ଜୟଦେବ ସ୍ପୋର୍ଟିଂ ଭୁବନେଶ୍ୱର ସହ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟଦେବ ସ୍ପୋର୍ଟିଂ ଟସ ଜିତି ଇଲେଭେନ ଷ୍ଟାର କ୍ରିକେଟ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ଇଲେଭେନ ଷ୍ଟାର କ୍ରିକେଟ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ୱିକେଟ ହରାଇ ୨୪୦ ରନ୍ କରିଥିଲା। ଏହାର ଜବାବରେ ଜୟଦେବ ସ୍ପୋର୍ଟିଂ ୧୩ ଓଭରରେ ସମସ୍ତ ୱିକେଟ ହରାଇ ୬୧ ରନ କରି ପରାସ୍ତ ହୋଇଥିଲା। ମ୍ୟାନ୍ ଅଫ ଦି ମ୍ୟାଚ୍ ଇଲେଭେନ ଷ୍ଟାର କ୍ରିକେଟ ଦଳର ନୟନ ଗୁପ୍ତା ଘୋଷିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ଖାଦ୍ୟ, ଯୋଗାଣ ଖାଉଟୀ କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗୀତାଞ୍ଜଳି ସେଠୀ, ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ଆରସିଏମସି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ ଯୋଗଦେଇଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ନାୟକ ଇଲେଭେନ ଷ୍ଟାରକୁ ଚାମ୍ପିଅନ ଟ୍ରଫି ସହ ୩୦ ହଜାର ଚେକ ପ୍ରଦାନ କରିଛନ୍ତି। ପ୍ଲାବନ ସ୍ୱାଇଁ, ଅମରେନ୍ଦ୍ର ବେହେରା ମ୍ୟାଚ ପରିଚାଳନା କରିଥିଲେ। ମାଧବାନନ୍ଦ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ସମାଜ ବାର୍ତ୍ତା ସମ୍ପାଦକଙ୍କ ପିତୃ ବିୟୋଗ



ଗରଦପୁର, ୧୬।୧(ସମିସ): କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଗରଦପୁର ବ୍ଲକ ପତିସାହି ଗ୍ରାମନିବାସୀ ବରିଷ୍ଠ ନାଗରିକ ତଥା ସମାଜର ବାର୍ତ୍ତା ସମ୍ପାଦକ ପ୍ରସନ୍ନ କୁମାର ପତିଙ୍କ ପିତା ସନାତନ ପତିଙ୍କର ସୋମବାର ରାତିରେ ୮୪ ବର୍ଷ ବୟସରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ମଧ୍ୟମ ପୁତ୍ର ଅରୁଣ କୁମାର ପତି, ପୁତ୍ରବଧୂ ଗୀତାଞ୍ଜଳି ପତି, ଅଧ୍ୟାପିକା ଶାନ୍ତିଲତା ପାଢି, ଲିଲିନ ପାଣି ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ତପନ କୁମାର ପତି ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଲୋକସେବକ ମଣ୍ଡଳ ଓଡ଼ିଶା ଶାଖା ଅଧ୍ୟକ୍ଷ ନିରଞ୍ଜନ ରଥ, ସମାଜର ସମ୍ପାଦକ ଡ. ପ୍ରମୋଦ ମହାପାତ୍ର, ମହା ପ୍ରବନ୍ଧକ ଶିବରାମ ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସମାଜସେବୀ ଶରତ ଚନ୍ଦ୍ର ସାମଲ, ସମାଜ ରିଲିଫ କମିଟି ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ, ଗରଦପୁର ସରପଞ୍ଚଙ୍କ ପ୍ରତିନିଧି ବାବୁ ରମାକାନ୍ତ, ସମାଜ କେନ୍ଦ୍ରାପଡା ଜିଲ୍ଲା ପ୍ରତିନିଧି ବିବେକାନନ୍ଦ ସ୍ୱାଇଁ , ଗରଦପୁର ପ୍ରତିନିଧି ଶ୍ରୀକାନ୍ତ ନାୟକ ପ୍ରମୁଖ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ

**କେନ୍ଦ୍ରାପଡା,୧୬।୧(ସମିସ):** କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କର ୧୬୧ତମ ଜୟନ୍ତୀ ସାହିତ୍ୟ ସଂସଦର ଡ. ବାସୁଦେବ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପବ୍ଲିକ୍ ରିଡିଂ ରୁମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ତାଙ୍କର ସର୍ବଶ୍ରେଷ୍ଠ କୃତୀ "ଛ' ମାଣ ଆଠ ଗୁଣ୍ଠ" ଉପନ୍ୟାସ କେନ୍ଦ୍ରାପଡା ବଡକୋଠାରେ ଅବସ୍ଥାନ କାଳରେ ଲେଖା ହୋଇଥିଲା ବୋଲି କଟକ ଖ୍ରୀଷ୍ଟ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ରନାଥ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ କରିଲୋପାଟଣା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ସର୍ବେଶ୍ୱର ଶେଣ ଆଲୋଚନା କରି କହିଲେ ଫକୀର ମୋହନ ସେନାପତି ଥିଲେ ଓଡିଆ ସାହିତ୍ୟର ସେନାପତି। ଏହି ଅବସରରେ ସାହିତ୍ୟ ସଂସଦର ସମ୍ପାଦକ ଶୁଭ୍ରାଂଶୁ କୁମାର ଦାସ, ଉପସଭାପତି ପ୍ରଦୀପ କୁମାର ଦାଶ, କାର୍ଯ୍ୟକାରୀ ସଭାପତି କରୁଣାକର ଦାସ, ଚିତ୍ତରଞ୍ଜନ କବି, ନିରୂପମା ଦାସ, ଦେବାଶିଷ ପ୍ରଧାନ, ଶ୍ରୀଧର କୁମାର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ଅଶୋକ କୁମାର ସାହୁ, କ୍ରାନ୍ତିମୟୀ ପ୍ରଧାନ, ନୃସିଂହ ଚରଣ ତ୍ରିପାଠୀ, ମଧୁସୂଦନ ଗେରୁ, ଶରତ କୁମାର ରାଉତ, ଆଶିଷ ସେନାପତି, ରଞ୍ଜନ କୁମାର ବାଇ ପ୍ରମୁଖ ଯୋଗଦାନ କରିଥିଲେ।

### ବିକାଶଠୁ ଶହେ କୋଶ ଦୂରରେ ଏରସମାର କୋଚିଳାବେଦୀ ଗାଁ

# ନାହିଁ ରାସ୍ତା, ଲୋକଙ୍କୁ ମିଳୁନି ଆବାସ

**ଜଗତସିଂହପୁର/ଏରସମା, ୧୬।୧ (ସମିସ)**




- ଆମ୍ବୁଲାନ୍ସ ଅଭାବରୁ ଖଟିଆରେ ବୁହାହୁଅନ୍ତି ଗୁରୁତର ରୋଗୀ
- ଗୋଟିଏ ନଳକୂପ ଉପରେ ନିର୍ଭରଶୀଳ ୨ଶହ ପରିବାର

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମି ଓ ବିକାଶ ପାଇଁ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ, ଗରିବ ଗୁରୁବାଙ୍କୁ ସରକାରୀ ଆବାସ ଓ ସମସ୍ତଙ୍କୁ ସ୍ୱଚ୍ଛ ନିରାପଦ ପାନୀୟଜଳ ଯୋଗାଇଦେବା ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ପ୍ରଶାସନିକ ଅବହେଳା କାରଣରୁ ଏବେବି ଜିଲ୍ଲାର ଉପାନ୍ତ ଅଞ୍ଚଳ ଏରସମାର ଅନେକ ଗାଁ ଏହି ସବୁ ସୁବିଧାରୁ ବଞ୍ଚିତ ରହିଛି। ସେଥିମଧ୍ୟରୁ ଏରସମା ବ୍ଲକ ଅନ୍ତର୍ଗତ କୋଚିଳାବେଦୀ ଗାଁ ବିକାଶଠୁ ବହୁ ଦୂରରେ ରହିଥିବା ଜଣାପଡିଛି। ଏହି ଗାଁକୁ ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିନଥିବା ସମୟରେ ଗୋଟିଏ ନଳକୂପ ଉପରେ ଗାଁର ୨ଶହ ପରିବାର ପାନୀୟ ଜଳ ପାଇଁ ନିର୍ଭରଶୀଳ ରହିଛନ୍ତି। ଗାଁ ସାରା ମାଟିଘର ଦେଖିବାକୁ ମିଳିଥିବା ସମୟରେ ଆବଶ୍ୟକ ମାନଦଣ୍ଡ ଥାଇ ମଧ୍ୟ ବହୁ ଲୋକ ସରକାରୀ ଆବାସରୁ ବଞ୍ଚିତ ହୋଇଥିବା ସର୍ବେଶ୍ୱର ସ୍ୱାଇଁ, ନିରାକାର ସ୍ୱାଇଁ ଅଭିଯୋଗ କରିଛନ୍ତି।

ଜଗତସିଂହପୁର ଜିଲ୍ଲାର ପଛୁଆ ଅଞ୍ଚଳ ଭାବରେ ପରିଚିତ ଏରସମା ବ୍ଲକ ଜାନକାଦେଇପୁର ପଞ୍ଚାୟତ ଅନ୍ତର୍ଗତ କୋଚିଳାବେଦୀ ଗାଁକୁ ରାସ୍ତା ନଥିବା ଜଣାପଡିଛି। ଏହି ଗାଁରେ ମୋଟ ଦୁଇଶହ ପରିବାର ବାସ କରୁଥିବା ବେଳେ ସାରାବର୍ଷ ମାଟି କାଦୁଅରେ ଘାଣ୍ଟିଣ୍ଟହୋଇ ଲୋକମାନେ ଏକ ସଂକୀର୍ଣ୍ଣ ରାସ୍ତାରେ ଚଳ ପ୍ରଚଳ ହେବାକୁ ବାଧ ହେଉଛନ୍ତି। ଏହି ଗ୍ରାମର ଲୋକମାନେ ଗାଁ ବାହାରକୁ ଯିବାକୁ ମାଟି କାଦୁଅର ଏହି ଅଣ ଓସାରିଆ ରାସ୍ତା ଏକମାତ୍ର ବିକଳ୍ପ ହୋଇଥିବା ଜଣାପଡିଛି। ଗ୍ରାମରେ କେହି ରୋଗରେ ପଡିଲେ ୧୦୮ ଆମ୍ବୁଲାନ୍ସ ଗାଁକୁ ଆସିପାରୁନଥିବାରୁ, ଗୁରୁତର ରୋଗୀଙ୍କୁ ମୁଖ୍ୟ ରାସ୍ତା ଦୁଇ କିଲୋମିଟର ପର୍ଯ୍ୟନ୍ତ ଖଟିଆ କିମ୍ବା ଟୋକେଇ ଅଥବା ଲୁଗା ଦୋଳିରେ ବୁହାହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ରାସ୍ତା ନଥିବାରୁ ୧୦୮ ଆମ୍ବୁଲାନ୍ସ କିମ୍ବା ପ୍ରସୂତିଙ୍କ ଲାଗି ୧୦୨ ଗାଡି ଗ୍ରାମରେ ପହଞ୍ଚିପାରୁନଥିବା ଜଣାପଡିଛି। ପ୍ରସୂତୀମାନଙ୍କ ପାଇଁ ଭଗବାନ ଭରସା ବୋଲି ଗ୍ରାମର ମହିଳା ନୂତନ ସ୍ୱାଇଁ ଓ ସବିତା ସ୍ୱାଇଁ କହିଛନ୍ତି । ବର୍ଷା ଋତୁରେ ଗ୍ରାମର ଗର୍ଭବତୀ ବା ଆସନ୍ନ ପ୍ରସବାଙ୍କୁ ବନ୍ଧୁଘରେ ରଖାଯାଉଥିବା ସମ୍ପର୍କରେ ଗ୍ରାମର ଲୋକମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଲୋକମାନେ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭକରି ବିଡିଓ ଏବଂ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ ଏଯାଏ କୌଣସି ସୁଫଳ ମିଳିନଥିବା ପ୍ରକାଶ କରିଛନ୍ତି। ସେହିପରି ବର୍ଷାଦିନର ପାଣି କାଦୁଅ ରାସ୍ତାରେ ପଶି ଗ୍ରାମର ପିଲାମାନେ ସ୍କୁଲକୁ ଯିବାକୁ ବାଧ ହେଉଛନ୍ତି।

ଅନ୍ୟପକ୍ଷରେ, ଗ୍ରାମକୁ ବସୁଧା ଯୋଜନାରେ ସାମିଲ କରାଯାଇଥିବା ସମୟରେ ୧୩ ନମ୍ବର ୱାର୍ଡକୁ ଏପର୍ଯ୍ୟନ୍ତ ପାଇପ ବିଛାଯାଇନଥିବା ଜଣାପଡିଛି। ଗ୍ରାମରେ ଷ୍ଟାଣ୍ଡ ପୋଷ୍ଟ ଗୁଡିକ ଶୋଭା ପାଉଥିଲେ ମଧ୍ୟ ପାଇପ ସଂଯୋଗ ଅଭାବରୁ ଏଥିରୁ ପାଣି ବାହାରୁନଥିବା କୈଳାସ ସ୍ୱାଇଁ, ବିପିନ ସ୍ୱାଇଁ କହିଛନ୍ତି । ଶହ ଶହ ପରିବାର ଏକମାତ୍ର ନଳକୂପ ଉପରେ ନିର୍ଭର କରୁଛନ୍ତି। ପାଣି ସଂଗ୍ରହ କରିବାରେ ମହିଳାଙ୍କୁ ପ୍ରତିଦିନ ବହୁ କଷ୍ଟ ଓ ସମୟ ଦେବାକୁ ପଡୁଛି। ବାଧ ହୋଇ ଚୁଆ ଓ ପୋଖରିର ପାଣି ବ୍ୟବହାର କରିବା ଦ୍ୱାରା ଲୋକମାନେ ରୋଗରେ ପଡୁଥିବା ସୂଚନା ମିଳିଛି।

ସେହିପରି ଏହି ଗାଁରେ ବହୁ ଗରିବ ପରିବାର ବସବାସ କରୁଥିବା ସମୟରେ ସେମାନେ ସରକାରୀ ଆବାସରୁ ବଞ୍ଚିତ ହୋଇ ରହିଛନ୍ତି। ଲୋକମାନେ ପଞ୍ଚାୟତ ଅଫିସ ଓ ବ୍ଲକ କାର୍ଯ୍ୟାଳୟକୁ ଦୋ÷ଡି ଦୋ÷ଡି ନିରାଶ ହୋଇଥିବା ପ୍ରକାଶ କରିଛନ୍ତି। ଏପରିକି ଲାଞ୍ଚ ଦେଇପାରୁନଥିବାରୁ ସମସ୍ତ ଯୋଗ୍ୟତାର ସରକାରୀ ମାନଦଣ୍ଡ ଥାଇ ମଧ୍ୟ ସେମାନଙ୍କୁ ଆବାସ ମିଳିପାରୁନଥିବା ପ୍ରକାଶ କରିଛନ୍ତି। ଗାଁର ବହୁ ବୃଦ୍ଧ ବ୍ୟକ୍ତି ପରିଣତ ବୟସରେ ଏପର୍ଯ୍ୟନ୍ତ ଭତ୍ତାରୁ ବଞ୍ଚିତ ହୋଇ ରହିଛନ୍ତି। ଗ୍ରାମରେ ଶ୍ମଶାନ ଗୃହ ନଥିବା ସମୟରେ ଗାଁ ମନ୍ଦିରର ମଧ୍ୟ ପୁନରୁଦ୍ଧାର ହୋଇପାରିନଥିବା ଲୋକମାନେ କହିଛନ୍ତି। ଏପରିକି ମୋ ଗୁହାଳ ଯୋଜନାରେ ଗ୍ରାମର ଲୋକଙ୍କୁ ସାମିଲ କରାଯାଇନାହିଁ। ଧାନ ଅଞ୍ଚଳର ମୁଖ୍ୟ ଫସଲ ହୋଇଥିବାରୁ ଅମଳପରେ ରଖିବାକୁ ଜାଗା ନଥିବାରୁ ଲୋକମାନେ ବିଲରୁ ବେପାରୀକୁ ବିକିବାକୁ ବାଧ ହେଉଛନ୍ତି। ବର୍ଷ ବର୍ଷ ଧରି ଲୋକଙ୍କୁ କେବଳ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳୁଥିବା ସମୟରେ ଏପର୍ଯ୍ୟନ୍ତ କୋଣସି ସୁବିଧା କରାଯାଉନଥିବା ଲୋକମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ ଏହି ସବୁ ସମସ୍ୟାକୁ ସ୍ୱିକାର କରିବା ସହିତ ଆଗାମୀ ଦିନରେ ଏହାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

## ଆଜି ଓ ୨୨ରେ ଜିଲ୍ଲାରେ ସମସ୍ତ ମଦ ଦୋକାନ ବନ୍ଦ

**କେନ୍ଦ୍ରାପଡ଼ା,୧୬।୧(ସମିସ):** ଜାନୁଆରୀ ୧୭ ତାରିଖ ଓ ୨୨ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଠିପିଖୋଲା, ଠିପି ବନ୍ଦ, ତାଡି ଓ ଦେଶୀ ମଦ ଦୋକାନଗୁଡିକ ବନ୍ଦ ରଖିବାକୁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ପାଇଁ ଜାନୁଆରୀ ୧୭ ହେଉଥିବାବେଳେ ଅଯୋଧ୍ୟା ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ଜାନୁଆରୀ ୨୨ତାରିଖ ଧାର୍ଯ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଦଦୋକାନ ଗୁଡିକ ବନ୍ଦ ରହିବ। ବିଭିନ୍ନ ସ୍ଥାନରେ ଭିଡ ଓ ଆଧ୍ୟାତ୍ମିକ ସମାଗମକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ରକ୍ଷା ସହ ଶାନ୍ତି ସୌହାର୍ଦ୍ଦ ବଜାୟ ରଖିବା ପାଇଁ ଓଡିଶା ଅବକାରୀ ଆଇନ-୨୦୦୮ ର ସେକ୍ସନ ୨୬(୧) ଆଧାରରେ ମଦ ଦୋକାନ ଗୁଡିକ ବନ୍ଦ ରଖିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଅଧୀକ୍ଷକ ଜଣାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି।

- ପାନୀୟଜଳ ବିଭାଗ ଯନ୍ତ୍ରୀଙ୍କ ମନମାନି

## ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାଣି ଟାଙ୍କି ବର୍ଷକରେ ଅଚଳ



**ଅଭିଯୋଗ ପରେ ବି ବେଫିକର ବିଭାଗ**

**ରାଜକନିକା,୧୬।୧(ସମିସ):** ରାଜକନିକା ବ୍ଲକ ପାନୀୟ ଜଳ ବିଭାଗ ଜେଇଙ୍କ ଦାୟିତ୍ୱହୀନତା ଓ ବେଫିକର ମନୋଭାବ ଯୋଗୁ ପତରପୁରଠାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସୋଲାର ସିଷ୍ଟମ ପାଣିଟାଙ୍କି ୪ ମାସ ହେବ ଅଚଳ ହୋଇ ରହିଛି । ପତରପୁର ଗାଁ ବିଦ୍ୟାଳୟ ସମେତ ୨ଶହରୁ ଅଧିକ ଲୋକ ନିର୍ଭର କରୁଥିବା ଏହି ଓଭର ହେଡ଼ ପାଣିଟାଙ୍କି ନିର୍ମାଣ ହେବାର ୬ ମାସ ଭିତରେ ମରାମତି ଚାହିଁଥିଲା । ଲୋକେ ପାଣି ନ ପାଇ ରାଜକନିକା ଆରଡବ୍ଲ୍ୟୁଏସ୍ଏସ୍ ବିଭାଗର ଜେଇଙ୍କୁ ଭେଟି କହିବା, ଲିଖିତ ଭାବେ ଜଣାଇବା ପରେ ମରାମତି ନ ହେବାରୁ ଏବେ ୪ମାସ ହେବ ପୁରା ଅଚଳ ହୋଇପଡିଛି । କାଟଣାବଣିଆ ପଞ୍ଚାୟତର ୧୭ ଓ ୧୮ ନମ୍ବର ୱାର୍ଡର ୫୦ ପରିବାର ସହ ସ୍କୁଲର ପିଲା ଓ ବାଟୋଇଙ୍କ ପାଇ ଉଦ୍ଦିଷ୍ଟ ଏହି ସୋଲାର ସିଷ୍ଟମର ଅଟୋମେଟିକ ସେନସର ପରିଚାଳିତ ୫ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି ମରାମତି ପାଇଁ ପାନୀୟ ଜଳ ବିଭାଗ ଜେଇଙ୍କୁ କହିବାରୁ ଆଜି ହେବ କାଲି ହେବ କହି ଦିନ ଗଡାଇ ଚାଲିଛନ୍ତି । ବିଭାଗର ପ୍ରତ୍ୟକ୍ଷ ନିର୍ମାଣ ସହ ପରିଚାଳନାରେ ଦଶ ଲକ୍ଷ ଟଙ୍କା ବ୍ୟୟର ପାଣିଟାଙ୍କି ଯଦି ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୁଏ ତେବେ ଦାୟୀ କିଏ ରହିବେ? ଏ ସମ୍ପର୍କରେ ରାଜକନିକା ପାନୀୟ ଜଳ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ଖରାପ ଅଛି ସଜାଡିଦେବୁ କହି ଦିନ ଗଡେଇ ଚାଲିଛନ୍ତି । ଏଠାରେ ପ୍ରଶ୍ନ ହେଉଛି ଖୋଦ ଜେଇଙ୍କ ମନମାନୀ ଓ ପରିଚାଳନାଗତ ଦୂରଦୃଷ୍ଟିରୁ ଅଭାବରୁ ରାଜକୋଷରୁ ଖର୍ଚ୍ଚ ହୋଇ ପାନୀୟ ଜଳ ସମସ୍ୟା ଦୂର ପାଇ ଉଦ୍ଦିଷ୍ଟ ଯୋଜନା ବରବାଦ ହେବାକୁ ଯାଉଛି । ରାଜକନିକା ବ୍ଲକର ପାନୀୟ ଜଳ ସମସ୍ୟା ଦୂର ପାଇ ବର୍ତ୍ତମାନ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଅପାରଗତା ରୁ ଅନେକ ପାଣିଟାଙ୍କି ଓ ନଳକୂପର ସଠିକ ପରିଚାଳନା ହେଉ ନଥିବାରୁ ଜିଲ୍ଲା ଜଳ ଓ ପରିମଳ ବିଭାଗ ଏସବୁ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି ।

## ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ବାର୍ଷିକୋତ୍ସବ



**କେନ୍ଦ୍ରାପଡ଼ା,୧୬।୧(ସମିସ):** କେନ୍ଦ୍ରାପଡାର ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶନ ସଂଗଠନର ଅଷ୍ଟାଦଶ ବାର୍ଷିକ ବନ୍ଧୁମିଳନ ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ଗରାପୁରସ୍ଥିତ ଏମ୍ପାୱାର ପବ୍ଲିକ ସ୍କୁଲ ପରିସରରେ ସଂଗଠନ ସଭାପତି ବରିଷ୍ଠ ଶିକ୍ଷାବିତ୍ ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଉପେନ୍ଦ୍ର କୁମାର କରଙ୍କ ଦ୍ୱାରା ଦେବପୂଜନ ଓ ବେଦ ପାରାୟଣ ସମ୍ପାଦନ ପରେ ମୁଖ୍ୟ ଅତିଥି ଗଣଶିକ୍ଷା ବିଭାଗ ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ ସହ ଉତ୍ସବର ଉଦ୍‌ଘାଟନ କରିଥିଲେ। ଉପଦେଷ୍ଟା ସଭ୍ୟ ହେମନ୍ତ କୁମାର ଜେନା ସ୍ୱାଗତ ଜଣାଇବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନରୋତ୍ତମ ଜେନା ବାର୍ଷିକ ବିବରଣୀ ସହ ସଭା ସଂଯୋଜନା କରିଥିଲେ। ଓଡିଶା ପ୍ରାଥମିକ ଶିକ୍ଷା ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାଥ ପରିଡା, ଭଦ୍ରକ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଶଶାଙ୍କ ଶେଖର ସାହୁ, ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ଜେନା, ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷାବିତ୍ ମନ୍ମଥ କୁମାର ରାୟ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବାବେଳେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଶିଷ୍ଟ ଶିକ୍ଷା ସାଧକ ଡ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷାନୀତି ଓ ସଂସ୍କାର ଧର୍ମୀ ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା, ପ୍ରାକ୍ତନ ଶିକ୍ଷା ଜିଲ୍ଲା ଅଧିକାରୀ ପୂର୍ଣ୍ଣାନନ୍ଦ ବିଶ୍ୱାଳ, ଆଦର୍ଶ ଶିକ୍ଷକ ଧରଣୀଧର ବେହେରା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୂଳମଣି ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିବା ସହ ସମ୍ମାନୀତ କରାଯାଇଥିଲା। ବରିଷ୍ଠ ସଭ୍ୟ ନିରଞ୍ଜନ ନାୟକ, ସୋମନାଥ ପଢିହାରୀ, ଈଶ୍ୱର ଚନ୍ଦ୍ର ମନ୍ତ୍ରୀ, ସନାତନ ତରାଇ, କୈଳାସ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର କୁମାର ନାୟକ, ଗୋପୀନାଥ ଦାସ, ବିଜୟ କୁମାର ନାଥ, ଦାଶରଥୀ ନାୟକ, ନିରଞ୍ଜନ ପୋଥାଳ, ଅନାମ ଚରଣ ସାହୁ, ଦୋଳଗୋବିନ୍ଦ ସାହୁ, ନରୋତ୍ତମ ବେହେରା, ନିରଞ୍ଜନ ସାମଲ, ଭାଗିରଥୀ ନନ୍ଦ, କୈଳାସ ଚନ୍ଦ୍ର ସ୍ୱାଇଁ, ନିତ୍ୟାନନ୍ଦ ପରିଡା, ସର୍ବେଶ୍ୱର ଜେନା, କୁଞ୍ଜବିହାରୀ ସାହୁ, କ୍ଷୀରୋଦ ପ୍ରସାଦ ସାହୁ, ଶରତ କୁମାର ମହାନ୍ତି, ନରହରି ପାତ୍ର, ଗୟାଧର ସ୍ୱାଇଁ, ଅଜୟ କୁମାର ପରିଡା, ମାଗୁଣି ଚରଣ ବିଶ୍ୱାଳ, ବାଉରୀ ବନ୍ଧୁ ମୁଦୁଲୀ, ଦୁର୍ଗା ଚରଣ ସାହୁ, ବଳଭଦ୍ର ନାୟକ, ଗୋଲେଖ ଚନ୍ଦ୍ର ବେହୁରା, ଗୌରାଙ୍ଗ ଶତପଥୀ ପ୍ରମୁଖ ବରିଷ୍ଠ ସଭ୍ୟମାନେ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ଭାବଗ୍ରାହୀ କଳାନିକେତନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମିଡିଆ ସଂଯୋଜକ ତଥା ପତ୍ରିକା ସମ୍ପାଦକ କାଶୀନାଥ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଭାବଗ୍ରାହୀ କଳାନିକେତନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## 'ଜିଲ୍ଲାକୁ ମେଡିକାଲ କଲେଜ ନାହିଁ ତ ଖଜଣା ନାହିଁ'

**କେନ୍ଦ୍ରାପଡ଼ା,୧୬।୧(ସମିସ)**




କେନ୍ଦ୍ରାପଡା ଜିଲ୍ଲା ବିକାଶକୁ କେହି ଗୁରୁତ୍ୱ ଦେଉନାହାନ୍ତି । ଜିଲ୍ଲାରେ ରେଳ ସେବା ନାହିଁ, ଶିଳ୍ପ ନାହିଁ, ଶୀତଳ ଭଣ୍ଡାର ନାହିଁ, କୃଷିର ବିକାଶ ନଥିବା ନେଇ ଅଭିଯୋଗ ହୋଇଛି । ଜାତୀୟ ରାଜପଥ ଓ ରେଳ ଧାରଣାରେ ପ୍ରତିଦିନ ଲୋକ ମରୁଛନ୍ତି ।ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଜିଲ୍ଲାରେ ଅନେକ ଡାକ୍ତରୀ ପଦବୀ ଖାଲି ପଡ଼ିଛି । ନୂଆ ମେଡିକାଲରେ କୌଣସି ଅତ୍ୟାଧୁନିକ ଯନ୍ତ୍ରପାତି ନାହିଁ । ଛୋଟ ରୋଗ ପାଇଁ କଟକ, ଭୁବନେଶ୍ୱର ପଠାଯାଉଛି । ଜିଲ୍ଲାବାସୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି କରୁଥିଲେବି କେହି କର୍ଣ୍ଣପାତ କରୁନାହାନ୍ତି । ମେଡିକାଲ କଲେଜ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଧିବଦ୍ଧ ଭାବେ ଗତ ୨୦୧୬ ମସିହାରୁ ଲଗାତାର ଦାବୀ କରିବା ସହିତ ରାଜନେତାଙ୍କୁ ଭେଟି ଆଲୋଚନା କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନି । ଜିଲ୍ଲାପାଳ ଅଫିସ ସମ୍ମୁଖରେ ଗଣ ଧାରଣା, ପଦଯାତ୍ରା, ରାଜ୍ୟପାଳ ଅଫିସ ସମ୍ମୁଖରେ ଧାରଣା, ସହିଦ ବାସୁ ବିସୁନି ପୀଠରୁ ବାଇକ ରାଲି ଓ ଗରାପୁରସ୍ଥିତ ଜାତିର ପିତା ଗାନ୍ଧୀ ମୂର୍ତି ନିକଟରେ ୧୮ ଦିନ ଗଣ ଧାରଣା ସହିତ ଦୁହୁରିଆ ନିକଟରେ ଦିନିକିଆ ଅର୍ଥନୈତିକ ଅବରୋଧ ଏହି ସମୟ ମଧ୍ୟରେ ସଂଗଠିତ କରାଯାଇଛି । ଦଳମତ ନିର୍ବିଶେଷରେ ଜିଲ୍ଲାବାସୀଙ୍କର ଗୋଟିଏ ସ୍ୱପ୍ନ ଜିଲାରେ ମେଡିକାଲ କଲେଜ ହେଉ । ତେଣୁ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲାବାସୀଙ୍କୁ ମେଡିକାଲ କଲେଜ ନହେଲେ ଖଜଣା ନଦେବାକୁ ଆହ୍ୱାନ ଦେଇଛି ।ଦାବିକୁ ଆହୁରି ତୀବ୍ର କରିବା ପାଇଁ ଜିଲ୍ଲାର ସମସ୍ତ ବ୍ଲକରେ ଆନ୍ଦୋଳନ କରିବା ଏବଂ ସମସ୍ତ ପଞ୍ଚା।ୟତମାନଙ୍କରେ ସଭା ସମିତି କରି ଜନ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି କରାଯାଇଛି ।ଏହାସହିତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଭେଟି ଦାବି ଜଣାଇବାକୁ ସ୍ଥିର ହୋଇଛି। ଜିଲ୍ଲା ବିକାଶ ସମ୍ମୁଖ୍ୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ଅଧ୍ୟାପକ ଅଜୟ ସାମଲ ସଭାପତିତ୍ୱ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ସନ୍ଦିପ୍ତ ଦାସ, ଆଦିକନ୍ଦ ରାଉଳ, ଫକୀର ଖଟୁଆ, ରାଜକୁମର ବିଶ୍ୱାଳ, ନରୋତ୍ତମ ପାର୍ଥସରଥୀ, ମୁକ୍ତାର ଖାଁ,ସୂର୍ଯ୍ୟକାନ୍ତ ପରିଡା, ବୈଷ୍ଣବ ଚରଣ ସ୍ୱାଇଁ, ଏଲିନା ସାମନ୍ତରାୟ, ଭାଗିରଥି ଜେନା, ଗଣେଶ ମେକାପ, ନାରାୟଣ ଚନ୍ଦ୍ର ପରିଡା, ମହମଦ ସାହିଲ ଫାୟାଜ,ସୁରେଶ ଚନ୍ଦ୍ର ପଟ୍ଟନାୟକ, ମହେନ୍ଦ୍ର ପରିଡା, ଦାଶରଥି ସାହୁ,ଧରଣୀଧର ସୁଆର, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।ସଭା ଆରମ୍ଭରେ ମୃତ୍ୟୁବରଣ କରିଥିବା କୃତି ସନ୍ତାନ ପୂର୍ବତନ ରାଜ୍ୟସଭା ସଦସ୍ୟା ତଥା ପୂର୍ବତନ ବିଧାୟିକା ସୁଶ୍ରୀ ଦେବୀ, ଡାକ୍ତର ରାଜକିଶୋର ତ୍ରିପାଠୀ, ବିଜୁ ଜନତା ଦଳର ନେତା ଦେବଦାସ ମହାନ୍ତି, ଶୈଳେନ୍ଦ୍ର ନାରାୟଣ ଦାସ, କଂଗ୍ରେସ ନେତା ଅନନ୍ତ ଚରଣ ସ୍ୱାଇଁ ପ୍ରମୁଖଙ୍କ ଉଦ୍ଦେଶ୍ୟରେ ଏକ ମିନିଟି ନିରବ ପ୍ରାର୍ଥନା କରାଯାଇଥିଲା ।

## ନବାଙ୍କବେଢ଼ା ଭଜନ ଓ ନୃତ୍ୟ ସମାରୋହ

**କେନ୍ଦ୍ରାପଡା,୧୬।୧(ସମିସ):** ପବିତ୍ର ନବାଙ୍କ ବେଢା ଅବସରରେ ବାରୁଅସ୍ଥିତ ଅଗ୍ରଣୀ ସାସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀ ଆନୁକୂଲ୍ୟରେ ଦ୍ୱାବିଂଶତମ ନବାଙ୍କ ବେଢା ଭଜନ ଓ ନୃତ୍ୟ ସମାରୋହ ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ କର କମଳରେ ଉଦ୍‌ଘାଟିତ ହୋଇଯାଇଛି। ମକର ସଙ୍କ୍ରାନ୍ତିର ପୂର୍ବ ଦିନ ସନ୍ଧ୍ୟାରେ ନବାଙ୍କ ବେଢା ଅନୁଷ୍ଠିତ ହୋଇଥାଏ। ଏହି ଦିନ ମହାଲକ୍ଷ୍ମୀ ବାପଘର ବରୁଣାଳୟରୁ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହି ଦିନ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଗହଣରେ ମହାପ୍ରଭୁ ସୁସଜ୍ଜିତ ପାଲିଙ୍କିରେ ବସି ପାଞ୍ଚ ଥର ବେଢା ପରିକ୍ରମା କରିଥାନ୍ତି। ଭାବଗ୍ରାହୀ କଳା ନିକେତନର ଶ୍ରୀ ସିଦ୍ଧ ବଳେଦବଙ୍କ ଉଦ୍ଦେଶ୍ୟରେ ପରିବେଷିତ ଭଜନ ଓ ନୃତ୍ୟ ବେଶ୍ ଉପଭୋଗ୍ୟ ହୋଇଥିଲା। ଗୀତକାର ବିମଳ ପରିଡାଙ୍କ ବଳିଷ୍ଠ ସଂଯୋଜନାରେ ଶ୍ରୀ ପରିଡାଙ୍କ ସହିତ ଉପେନ୍ଦ୍ର ପାଢୀ, ସୌଭାଗିନୀ ମହାପାତ୍ର, ସୁଶୀଲ୍ ସୂତାର, ରଂଜନ ବରାଳ, ନମିତା ସ୍ୱାଇଁ, ଅର୍ଚ୍ଚନା ପରିଡା ପ୍ରମୁଖ କଣ୍ଠଶିଳ୍ପୀମାନେ ବଳଦେବ ଭଜନ ପରିବେଷଣ କରିଥେଲ। ରୂପାଲି ସୂତାର ଏବଂ ରାଜଲକ୍ଷ୍ମୀ ପରିଡା ଶ୍ରୀ ବଳଦେବଙ୍କ ଭଜନେର ନୃତ୍ୟ ପରିବେଷଣ କରିଥେଲ। ବିମଳ ପରିଡାଙ୍କ ରଚନା ଓ ସ୍ୱର ସଂଯୋଜନାରେ ସମସ୍ତ ଭଜନ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ରଂଜନ ବରାଳ, ଅଜୟ ଜେନା, କୈଳାସ ପରିଡା, ବଳରାମ ମଲିକ ବାଦ୍ୟ ଯନ୍ତ୍ରରେ ସହାୟତା କରିଥିଲେ। ରେଡିଓ ଭାବଗ୍ରାହୀର ମୁଖ୍ୟ ଧିରାମଣୀ ପରିଡା, ଇଂ ବିଶ୍ୱଜିତ୍ ପରିଡା, ଦିବ୍ୟଜ୍ୟୋତି ପରିଡା, ସୁଶ୍ରୀ ସଂଗୀତା ଜେନା, କାଞ୍ଚନ ଜେନା, ବିଜୟ ପରିଡା, ଗୁରୁ ପ୍ରକାନ୍ତ ମହାରଣା, ବିକାଶ ପରିଡା, ବାସନ୍ତୀ ମହାପାତ୍ର, ଲିଲୁରାଣୀ ପରିଡା, ପ୍ରଭାତ ନଳିନୀ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ସହସ୍ରାଧିକ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ହରିବୋଲ ଏବଂ ହୁଳହୁଳି ଧ୍ୱନୀ ଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ପ୍ରବଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



● ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ଖାତିର କରୁନି ସାତକୋଶିଆ ବନଖଣ୍ଡ

# ବିସ୍ଥାପନ ମାମଲାର ଫଇସଲା ପୂର୍ବରୁ ୧୦ଜଣଙ୍କ ନାମରେ ପ୍ୟାକେଜ୍ ଟଙ୍କା ଜମା

**ଅନୁଗୋଳ,୧୬।୧(ସଂଗ୍ରାମ ଦାସ)**

ସାତକୋଶିଆ ଅଭୟାରଣ୍ୟରୁ ଗ୍ରାମ ବିସ୍ଥାପନକୁ ଦୃଢ଼ ଅଭିଯୋଗ କରାଯିବା ସହିତ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା କରାଯାଇଥିଲା। ବନ ବିଭାଗ ଜାଣିଶୁଣି ବର୍ତ୍ତମାନର ଆଇନ ଓ ନୀତିକୁ କାର୍ଯ୍ୟକାରୀ ନ କରି ଶାଗମାଛ ଦରରରେ ଗ୍ରାମବାସୀଙ୍କୁ ଉଚ୍ଛେଦ କରୁଥିଲା। ଏପରିକି ସ୍ୱଚ୍ଛତା ଅବଲମ୍ବନ ନ କରି ଗ୍ରାମକୁ ବିଭାଜିତ କରି ଜୋରଜବରଦସ୍ତ ବିସ୍ଥାପନ ପ୍ରକ୍ରିୟାକୁ ଆଗେଇ ନେଇଥିଲା। ଅଞ୍ଚଳବାସୀଙ୍କ ପକ୍ଷରୁ ଲିଖିତ ଅଭିଯୋଗ ଗୁଡ଼ିକ ଆଦୌ କର୍ଣ୍ଣପାତ କରୁନଥିଲା। ଗ୍ରାମ ଗୁଡ଼ିକ ଯେନତେନ ପ୍ରକାରେ ଉଚ୍ଛେଦ ପାଇଁ ଏକ ସଂକଳ୍ପ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଅନଶନ ଓ ଧର୍ମଘଟ କରାଯାଇଥିଲେ ସୁଦ୍ଧା ତାହାକୁ ଖାତିର କରିନଥିଲେ। ବନ ବିଭାଗର ଏପରି ମନମୁଖୀ କାର୍ଯ୍ୟ ଜାଣିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଥିଲା। ରାଜନୈତିକ ସ୍ଥାଣୁତା ଏବଂ ପ୍ରଶାସନିକ କ୍ଷମତାର ଅପବ୍ୟବହାର ଜନିତ ଅଞ୍ଚଳବାସୀ ନ୍ୟାୟ ପାଇବା ପାଇଁ ବିଭିନ୍ନ ଆୟୋଗ ସମେତ ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେଇଥିଲେ। ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଗତ ବର୍ଷ ଅକ୍ଟୋବର ୭ରେ ଦାୟର କରାଯାଇଥିଲା। ଏହି ଜନସ୍ୱାର୍ଥ ମାମଲାରେ ନବକିଶୋର ବିଶୋଇ ସମେତ ସ୍ଥାନୀୟ ସରପଞ୍ଚ ରଶ୍ମିତା ବିଶୋଇ, ସୌମ୍ୟରଞ୍ଜନ ସାହୁ, ସମିତି ସଭ୍ୟା ଲିଜା ସାହୁ, ୱାର୍ଡ ସଭ୍ୟ ଓ ସଭ୍ୟା ସ୍ୱର୍ଣ୍ଣଲତା ଦେହୁରୀ, ପ୍ରଦୀପ ପ୍ରଧାନ, ସୁନୀତା ନାଏକ, ସୁଶାନ୍ତ ସାହୁ , ପୂର୍ବତନ ସରପଞ୍ଚ ତ୍ରିନାଥ ସାହୁ ଏବଂ ପୁରୁଣାକୋଟ ଗ୍ରାମ ସଭାପତି

**● ସାତକୋଶିଆ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ଦୃଢ଼ ଅଭିଯୋଗ**
**● ବନଖଣ୍ଡ ଅଧିକାରୀ ବେଆଇନ କାର୍ଯ୍ୟ ଓ ଦୁର୍ନୀତିରେ ସଂଶ୍ଳିଷ୍ଟ**

ବରୁଣ ବିଶୋଇ ପ୍ରମୁଖ ୧୦ ଜଣ ଅଞ୍ଚଳବାସୀଙ୍କ ପକ୍ଷରୁ ଆବେଦନକାରୀ କେସ କରିଥିବା ବେଳେ ପ୍ରତିପକ୍ଷ ଭାବେ ବନ ବିଭାଗର ଉଚ୍ଚ ପଦାଧିକାରୀ ଥିଲେ। ଏହି ଜନସ୍ୱାର୍ଥ ମାମଲାରେ ଗ୍ରାମବାସୀ ବିସ୍ଥାପନ ଚାହୁଁ ନ ଥିବା ଏବଂ ସରକାରଙ୍କ ବିସ୍ଥାପନ ଅତି ଜରୁରୀ ଥିଲେ ୨୦୧୩ ମସିହାର ଜମି ଅଧିଗ୍ରହଣ ଓ କ୍ଷତିପୂରଣ ଏବଂ ଥଇଥାନ ଓ ପୁନଃବସତି ଆଇନର କାର୍ଯ୍ୟକାରିତା ପାଇଁ ଆବେଦନ କରାଯାଇଥିଲା। ଗତବର୍ଷ ଅକ୍ଟୋବର ୩୦ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ନ୍ୟାୟାଧିଶ ଡ଼ା ବି. ଆର୍. ଷଡ଼ଙ୍ଗୀ ଏବଂ ନ୍ୟାୟାଧିଶ ଏମ. ଏସ୍. ରମଣଙ୍କ ବିଚାରରେ ୩ ମାସ ମଧ୍ୟରେ ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟଜୀବ) ଫଇସଲା କରାଯିବାକୁ ନିର୍ଦ୍ଦେଶ ରହିଲା। ଆବେଦନକାରୀଙ୍କ ପକ୍ଷରୁ କୋର୍ଟ ଅର୍ଡରକୁ ରାଜ୍ୟ ବନ୍ୟଜୀବ ମୁଖ୍ୟଙ୍କ ପାଖକୁ ଗତ ତା ୦୭/୧୧/୨୦୨୩ ରିଖ ରେ ପଠାଯାଇଥିବା ବେଳେ ଏହାର ଫଇସଲା ଫେବୃଆରୀ ୭ ତାରିଖ ମଧ୍ୟରେ ହେବାର କୋର୍ଟର ଆଦେଶ ରହିଛି। ପୁରୁଣାକୋଟ୍, ଭୂର୍କୁଣ୍ଡି, ଗୋପାଳପୁର, ଛୋଟକେଇ, ସାଲର, ଟିକରପଡ଼ା ଓ ଟାକରସିଂହ ଗ୍ରାମ ବିସ୍ଥାପନ ନେଇ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା। ଉଚ୍ଚ ନ୍ୟାୟାଳୟର ଆଦେଶ ରାଜ୍ୟ ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକ ନିକଟରେ ଫଇସଲା ନିମିତ୍ତ ବିଚାରାଧୀନ ରହିଛି। ଏଭଳି ପରିସ୍ଥିତିରେ ସାତକୋଶିଆ ବନଖଣ୍ଡ ପକ୍ଷରୁ କୋର୍ଟର ଆଦେଶ ଏବଂ ବନ୍ୟଜୀବ ମୁଖ୍ୟ ତତ୍ତ୍ୱାବଧାରକଙ୍କ ବିନା ଅନୁମତିରେ ଗ୍ରାମ ବିସ୍ଥାପନ ପ୍ରକ୍ରିୟା ଜାରି ରଖିଛନ୍ତି। ଭୁର୍କୁଣ୍ଡି ଗ୍ରାମରେ କୌଣସି ସର୍ଭେ କରାଯାଇନାହିଁ ଏବଂ ଗ୍ରାମସଭା ଓ ପଲ୍ଲୀସଭାର ଆୟୋଜନ ନ କରି ସାତକୋଶିଆ ବନଖଣ୍ଡର ବନଖଣ୍ଡ ଅଧିକାରୀ ବେନାମୀ ରିପୋର୍ଟ ପ୍ରଦାନ କରିଛି । ଗ୍ରାମର ୧୦ ରୁ ଅଧିକ ଲୋକଙ୍କ ନାମରେ ପାସ୍ ବହି ଖୋଲି ସେମାନଙ୍କ ନାମରେ ପ୍ୟାକେଜ ଟଙ୍କା ଜମା କରିଥିବା ଜଣାଯାଇଛି। ଭୁରକୁଣ୍ଡି ଏକ ଜଙ୍ଗଲ ଗ୍ରାମ ହୋଇଥିବାରୁ ଗ୍ରାମବାସୀ ରାଜସ୍ୱ ଗ୍ରାମର ମାନ୍ୟତା ଚାହୁଁଥିବା ବେଳେ ଏବଂ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇଥିବାର ଜଣାଯାଇଛି। ଏପରିକି ଗ୍ରାମବାସୀ ଗ୍ରାମରୁ ବିସ୍ଥାପନ ନ ହେବା ପାଇ ରୋକଠୋକ କରିଥିବା ଏବଂ ଲିଖିତ ଅଭିଯୋଗ କରିଛନ୍ତି। ଏ ସବୁ ସତ୍ତ୍ୱେ ସାତକୋଶିଆ ବନଖଣ୍ଡର ବନଖଣ୍ଡ ଅଧିକାରୀ ବେଆଇନ ବିସ୍ଥାପନ ପ୍ରକ୍ରିୟା ଜାରି ରଖିଥିବା ସାତକୋଶିଆ ଅଭୟାରଣ୍ୟ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ଦୃଢ଼ ଅଭିଯୋଗ ହୋଇଛି। ବନଖଣ୍ଡ ଅଧିକାରୀ ମିଛ ସତ କହି ପ୍ରଲୋଭିତ କରିବା, ଉସୁକାଇବା ଏବଂ ଭୟଭୀତ ସୃଷ୍ଟି କରି ଏକ ପ୍ରକାର ଜୋରଜବରଦସ୍ତ ବିସ୍ଥାପନ କରିବାକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବ କିଶୋର ବିଶୋଇ ଦୃଢ଼ ନିନ୍ଦା କରିଛନ୍ତି। ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟଧାରା ଅତ୍ୟନ୍ତ ନିନ୍ଦନୀୟ ଏବଂ ଜନବିରୋଧୀ ଅଟେ। ସାତକୋଶିଆ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯିବା ସହିତ ନ୍ୟାୟାଳୟକୁ ଜଣାଯିବ ବୋଲି ଶ୍ରୀ ବିଶୋଇ ପ୍ରକାଶ କରିଛନ୍ତି ।

## ୧୮ ରୁ ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି

**ଭୁବନ, ୧୬।୧ (ସମିସ):** ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାର ରୂପାନ୍ତରଣ ଆବଶ୍ୟକତା ସମ୍ପର୍କରେ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଦାବି କରି ଆସୁଛି। ଆଜି ପ୍ରାଣୀପାଳକମାନେ ନିଃଶୁଳ୍କ ଚିକିତ୍ସା ସେବା ୨୪ ଘଟିଆ ବିଶେଷଜ୍ଞ ସେବା, ରେଫେରାଲ ସୁବିଧା ସେବା, ଦ୍ୱାରଦେଶରେ ଚିକିତ୍ସା ଇତ୍ୟାଦି ଦାବି କରୁଥିବା ବେଳେ ଏପର୍ଯ୍ୟନ୍ତ ମିଳିନାହିଁ। ଏଣୁ ପ୍ରାଣୀପାଳକ ମାନେ ଅନେକ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଫଳରେ ପ୍ରାଣୀ ଚିକିତ୍ସକମାନେ ବିନା ଦୋଷରେ ସେମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ରାଜ୍ୟରେ ୧୯୧୦ ଡାକ୍ତରଙ୍କ କାମ ୧୩୦୦ ଡାକ୍ତର ତୁଲାଇଥିବା ବେଳେ ଚାକିରି କ୍ଷେତ୍ରରେ ପଦୋନ୍ନତିର ସୁବିଧା ନଥିବା ସେମାନଙ୍କୁ ହତୋତ୍ସାହିତ କରିଛି। ଦୀର୍ଘ ୨୨-୨୩ ବର୍ଷ ସେମାନଙ୍କୁ ଗୋଟିଏ ଦରମା ହାରରେ କାର୍ଯ୍ୟ କରିବାକୁ ପଡୁଛି। ପାଖାପାଖି ୪୦% ଅଧସ୍ତନ କର୍ମଚାରୀ ପଦବୀ ମଧ୍ୟ ଖାଲି ପଡିଛି, ଯାହାକି ପ୍ରାଣୀଚିକିତ୍ସାଙ୍କୁ ଅଧିକ ଚାପ ଗ୍ରସ୍ତ କରିଛି। ସେହିପରି କାର୍ଯ୍ୟ ସମୟ ପରେ ଓ ଛୁଟି ଦିନରେ ମଧ୍ୟ ସରକାରୀ କାମ ପାଇଁ ବାଧ୍ୟ, କରାଯିବା, କାର୍ଯ୍ୟ ସମୟ ପରେ ପ୍ରାଇଭେଟ ପ୍ରାକ୍ଟିସ କରୁଥିବା ପ୍ରାଣୀ ଚିକିତ୍ସକମାନଙ୍କୁ ବିଭିନ୍ନ ପ୍ରକାରେ ହଇରାଣ କରାଯିବା ଇତ୍ୟାଦି ଯୋଗୁଁ ଆଜି ରାଜ୍ୟର ପ୍ରାଣୀ ଚିକିତ୍ସକମାନେ ମାନସିକ ଦୁଶ୍ଚିନ୍ତାରେ ରହୁଛନ୍ତି ବୋଲି ସଂଘ ତରଫରୁ ପ୍ରକାଶ କରାଯାଇଛି। ଆସନ୍ତା ଜାନୁଆରୀ ୧୭ ତାରିଖ ମଧ୍ୟରେ ଯଦି ସରକାର ସେମାନଙ୍କର ଅଭିଯୋଗ ଗୁଡିକ ବିଚାର କରି ଯଥୋଚିତ ବିଜ୍ଞପ୍ତ ପ୍ରକାଶ ନ କରନ୍ତି, ଢେଙ୍କାନାଳ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ଏକକାଳୀନ ୧୮ ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ଜିଲ୍ଲା ସଂଘର ପ୍ରତିନିଧୀମାନେ ଜଣାଇଛନ୍ତି।

## ଯୁବ ଦିବସରେ ବକ୍ତୃତା ପ୍ରତିଯୋଗିତା




**ଢେଙ୍କାନାଳ ୧୬।୧ (ସମିସ):** ଢ଼େଙ୍କାନାଳ ସଦର ବ୍ଲକରେ ନେହେରୁ ଯୁବ କେନ୍ଦ୍ର, ବ୍ରାହ୍ମଣୀଦେବୀ କ୍ଲବ, ସୋଗରପଶିର ମିଳିତ ପ୍ରୟାସରେ ସ୍ୱାମୀ ବିବେକାନନ୍ଦ ଜନ୍ମଜୟନ୍ତୀ ପାଳନ ଅବସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ନକୁଳ ଜେନା, ସମ୍ମାନିତ ଅତିଥି ଭାବରେ ଶିକ୍ଷୟିତ୍ରୀ ସଂଘମିତ୍ରା ନାୟକ, ସମାଜସେବୀ ଦିବ୍ୟରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ଯୁବକ ଯୁବତୀମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ପ୍ରଜ୍ଞା ପରିମିତା ପତି ପ୍ରଥମ, ରୁଦ୍ରନାରାୟଣ ସାହୁ ଦ୍ୱିତୀୟସ୍ଥାନ ଅଧିକାରୀ କରିଥିବା ବେଳେ ସୋମେସ କୁମାର ସାହୁ ତୃତୀୟସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇ ଜନସାଧାରଣଙ୍କୁ ସଡକ ସୁରକ୍ଷା ଉପରେ ସଚେତନତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିପ୍ରବର ବେହେରା, ସୁଜିତ୍ କୁମାର ବେହେରା, ସୁବ୍ରତ ଦାଶ, ପ୍ରଜ୍ଞାନ ପ୍ରୟାସ ଜେନା ପ୍ରମୁଖ ପରିଚାଳନା କରିଥିଲେ।

● ଆଗ୍ନେୟ ୨୦୨୪ ଉଦ୍ୟାପିତ

## ଅନୁଭବ, ମଣ୍ଟୁ ଓ ସିମରନ୍‌ଙ୍କ ଗୀତରେ ଝୁମିଲେ ଦର୍ଶକ



**ଢେଙ୍କାନାଳ ୧୬।୧ (ସମିସ):** ଢ଼େଙ୍କାନାଳ ମିନି ଷ୍ଟାଡିୟମଠାରେ ବଜରଙ୍ଗ କ୍ଲବ ପକ୍ଷରୁ ସାଂସ୍କୃତିକ ମହୋତ୍ସବ ଆଗ୍ନେୟ-୨୦୨୪ ଉଦ୍ୟାପିତ ହୋଇଯାଇଛି। ଏହି ଉଦ୍ୟାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ବଜରଙ୍ଗ କ୍ଲବର ସେବାମୂଳକ କାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାର ଉତ୍ତୋଳନରେ ସ୍ୱର୍ଣ୍ଣ ପଦକ ଜିତିଥିବା ହୃଦାନନ୍ଦ ଦାଶ, ବିଶିଷ୍ଟ ବ୍ୟବସାୟୀ ଅଭିମନ୍ୟୁ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଭୁବନେଶ୍ୱରସ୍ଥ କଳିଙ୍ଗ ହସ୍‌ପିଟାଲର ଅଧ୍ୟକ୍ଷା ନିଳାଦ୍ରୀ ମୁଖାର୍ଜୀ, ମୁଖ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ନନ୍ଦଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ତଥା କାଉନସିଲର ସନ୍ଦିପ ଷଡଙ୍ଗୀ କ୍ଲବର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କ୍ଲବର ସଭାପତି ମାନସ ରାଉତ ଅଧ୍ୟକ୍ଷତା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଓଡ଼ିଆ ଚଳଚିତ୍ର ଅଭିନେତା ତଥା ସାଂସଦ ଅନୁଭବ ମହାନ୍ତି, ବିଶିଷ୍ଟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ, ସିମରନ୍ ଦାସ, ସେଫାଳି ଦାସ, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସଙ୍କ ଗୀତରେ ଦର୍ଶକ ବିମୋହିତ ହୋଇଥିଲେ।

## ପ୍ରତାପ ଚନ୍ଦ୍ର ମଲ୍ଲିକ ପିପିଲି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ନିଯୁକ୍ତ



**ଢେଙ୍କାନାଳ, ୧୬।୧ (ସମିସ):** ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ମାନ୍ୟବର ନବୀନ ପଟ୍ଟନାୟକ ପୁରୀ ଜିଲ୍ଲାର ପିପିଲି ବିଧାନସଭା କ୍ଷେତ୍ର ପାଇଁ ପ୍ରତାପ ଚନ୍ଦ୍ର ମଲ୍ଲିକଙ୍କୁ ପ୍ରଭାରୀ ଭାବେ ନିଯୁକ୍ତି ଦେଇଥିବାରୁ ଶ୍ରୀ ମଲ୍ଲିକ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଓଡ଼ିଶାର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିଜର କୃତଜ୍ଞତା ପ୍ରକାଶ କରିଛନ୍ତି। ଦଳର ନିର୍ଦ୍ଦେଶ ଅନୁସାରେ ଯୋଜନାର ସଫଳ ରୂପାୟନ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଏକ ପ୍ରେସ୍ ବାର୍ତ୍ତାରେ ଜଣାଇଛନ୍ତି।

## ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦର ମକର ମିଳନ




**ଢେଙ୍କାନାଳ, ୧୬।୧(ସମିସ):** ଭାପରୁ ନିକଟସ୍ଥ ଅଉଖମାପାଟଣା ଠାରେ ଅବସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସ୍ୱର୍ଣ୍ଣତାରା ପୂଜ୍ୟପୂଜା ସଂସଦ ତରଫରୁ ମକର ମିଳନ, ବ୍ୟାସକବି ଫକୀରମୋହନ ଜୟନ୍ତୀ ଓ ବନ୍ଧୁମିଳନ ଅନୁଷ୍ଠାନର ଉପଦେଷ୍ଟା ଅମିର ମୋହନ ରାଉତଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ଉଦ୍‌ଘାଟକ ଭାବେ ପୂର୍ବତନ ଜିଲ୍ଲା ଜଜ୍ ତଥା ଢେଙ୍କାନାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନ୍ୟାୟମୂର୍ତ୍ତି ଦୁର୍ଗାଚରଣ ମିଶ୍ର, ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ ପାଲା ଗାୟକ ଅବସରପ୍ରାପ୍ତ ଅଧ୍ୟକ୍ଷ ଦୁର୍ଗାମାଧବ ପୃଷ୍ଟି, ବିଶିଷ୍ଟ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ରାଜ୍ୟ ସଦସ୍ୟ କବି ବାହାଦୂର ପାଟସାହାଣୀ, ମୁଖ୍ୟ ବକ୍ତା ବାଙ୍କିର ପୂର୍ଣ୍ଣକୁମ୍ଭ ପତ୍ରିକା ତଥା ପର୍ବତେଶ୍ୱର ସାହିତ୍ୟ ସଂସଦର ସମ୍ପାଦକ କବି ବିଦ୍ୟାଧର ଖଟୁଆ, ସମ୍ମାନିତ ଅତିଥି ପ୍ରିତିର ପ୍ରୟାସ ସମ୍ପାଦକ ଅଭୟ ଆଚାର୍ଯ୍ୟ, ଅଧ୍ୟାପକ କବି କ୍ଷୀରୋଦ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି କାଳୀଚରଣ ତ୍ରିପାଠୀ ଓ କବି ନିବେଦିତା ରଥ କବିତାଗୁଡିକ ସଂଯୋଜନା କରିଥିଲେ। ଏଥିରେ ସଂସଦର ସମ୍ପାଦକ କବି ଫକୀର ମୋହନ ସାହୁ ଓ ତାଙ୍କ ପରିବାର ବର୍ଗ, ଛଦେଶ ସାହିତ୍ୟ ସଂସଦର ଉପସଭାପତି ମଧୁସୂଦନ ଶତପଥୀ, ଆଡଭୋକେଟ ବୁଲା କିଶୋର ନାଥ, କବି ପ୍ରଶାନ୍ତ ଧଳ, ବାଙ୍କର କବି ପ୍ରଫୁଲ ବେହେରା, ଅମ୍ବିକା ପ୍ରସାଦ ବରାଳ, ସାମ୍ବାଦିକ ମହେଶ୍ୱର ସାହୁ ସହଯୋଗ କରିଥିଲେ। କବି ମଧୁସୂଦନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ




**ଭୁବନ, ୧୬।୧(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ମହାବିଦ୍ୟାଳୟରେ ନୁଆ ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ପାରିମାଳ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟ ଅବସରପ୍ରାପ୍ତ ପ୍ରାଧାପକ ରମେଶ ଚନ୍ଦ୍ର ପାଣି ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ପାରିମାଳ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ ଡକ୍ଟର ପ୍ରଫୁଲ୍ଲ କୁମାର ପାଣି ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଓଡ଼ିଆ ଭାଷାର ଅତୀତ ତଥା ବର୍ତ୍ତମାନର ସାମାଜିକ ମୂଲ୍ୟବୋଧ ଉପରେ ଉପାଦେୟ ବକ୍ତୃତା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀଯୁକ୍ତ ଦାଶ ଜଗନ୍ନାଥ ସଂସ୍କୃତି ଉପରେ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀଯୁକ୍ତ ଦାଶ ଅତିଥି ଦ୍ୱୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ମିଶ୍ର, ସୁଧାଂଶୁ ପାତ୍ର, ଅଧ୍ୟାପିକା ସ୍ୱପ୍ନିତା ରାଉତ ଓଡ଼ିଆ ଭାଷା ଉପରେ ଭାଷଣ ଦେଇଥିଲେ। ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟା ଅମିତାଞ୍ଜଳି ମିଶ୍ର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## କବିପ୍ରଦୀପ ବିପିନ ବିହାରୀ ଖୁଣ୍ଟିଆଙ୍କ ସ୍ମୃତିଚାରଣ

**ଢେଙ୍କାନାଳ ୧୬।୧ (ସମିସ):** ଓଡ଼ାପଡ଼ା ବ୍ଲକ ବଳରାମପୁର ଗ୍ରାମର ବିଶିଷ୍ଟ ସାହିତ୍ୟ ସାଧକ ନିଖିଳ ଉତ୍କଳ ପାଲାଗାୟକ ସଂଘ ଦ୍ୱାରା 'କବି ପ୍ରଦୀପ' ଉପାଧିରେ ଭୂଷିତ କବି ବିପିନି ବିହାରୀ ଖୁଣ୍ଟିଆଙ୍କ ଦଶମ ବାର୍ଷିକ ସ୍ମୃତିଚାରଣ ଉତ୍ସବ ଗ୍ରାମର ବଳଦେବଜୀଉ କ୍ଲବ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିଲେ ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବଳରାମପୁର ହାଇସ୍କୁଲ୍‌ର ଏହି ଦିବଂଗତ ଶିକ୍ଷକ ତାଙ୍କର କାଳଜୟୀ ସାହିତ୍ୟକୃତି ପାଇଁ ସମଗ୍ର ଢେଙ୍କାନାଳ ଜିଲ୍ଲାରେ ଗୌରବ ବୋଲି ଶ୍ରୀ ରଥ କହିଥିଲେ। ସମ୍ମାନିତ ଅତିଥି ଭାବେ ବଳଦେବଜୀଉ କ୍ଲବ୍‌ର ସଭାପତି ସରୋଜ କୁମାର ଦଳାଇ, ଉପସଭାପତି ପ୍ରକାଶ କୁମାର ପାତ୍ର, ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ମାୟାଧର ମାଝି ଓ ଗ୍ରାମସଭାର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ ସଭାପତି ଭଗବାନ ସାମଲ ଏହି ସ୍ମୃତିଚାରଣ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ବଳଦେବଜୀଉ କ୍ଲବ୍ ସମ୍ପାଦକ ସୁଶାନ୍ତ କୁମାର ଧଳ ସଭା ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱର୍ଗତ ଖୁଣ୍ଟିଆଙ୍କ ପୁତ୍ର ହିରଣ୍ୟ କୁମାର କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ। ନିକଟରେ କବିଙ୍କ ସମସ୍ତ ରଚନାବଳୀକୁ ନେଇ 'ବିପିନି ବିହାରୀ ଗ୍ରନ୍ଥାବଳୀ' ପ୍ରକାଶିତ ହୋଇଯାଇଛି। ସ୍ମୃତି ଚାରଣ ଉତ୍ସବ ଉପଲକ୍ଷେ ଗାୟକ ପୀୟୂଷ ସତ୍ୟନାରାୟଣ ଜେନା ଓ ତାଙ୍କର ସାଥୀବୃନ୍ଦ ପାଲା ପରିବେଷଣ କରିଥିଲେ।




